## ସଂକ୍ଷେପରେ

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୩୧।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଇମୁଣ୍ଡି ଗ୍ରାମର ଯୁବକ ବିନାୟକ ସିଂ ଚଲାନ (୧୯) ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିନାୟକ ଖଡ଼ିଆଳ ବ୍ଲକ କଲୋନୀରେ ରହୁଥିବା ବେଳେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ ରଞ୍ଜିତ ରାଉତ ଖଡ଼ିଆଳ ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ବେହେରା,୩୧।୧(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଉଧର୍ମଗଡ଼ ବ୍ଲକ ବେହେରା ଲାଖିରାମ ଅଗ୍ରୱାଲ ଉଚ୍ଚ ବିଦ୍ୟାଳୟରେ ଗତ ୧୮ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହେଇଯାଇଛି। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆତ୍ମ ସୁରକ୍ଷା ତାଲିମ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅକ୍ଷୟ ପଟ୍ଟନାୟକ, ନିକୁଞ୍ଜ ବିହାରୀ ସାହୁ, ଫକିର ଚଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷିକା ଭାବେ ମାଳତୀ ପଟେଲ ଯୋଗଦେଇ ଏକାଦଶ ଶ୍ରେଣୀର ୯୪ଜଣ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ ଚଣ୍ଡି ଓ ସାର୍ନୁର୍ଯ୍ୟ ଗୋପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହୋତ୍ସବ ଉପଲକ୍ଷେ ନଟୁ, ତୀରନ୍ଦାଜୀ ପ୍ରତିଯୋଗିତା

**ଖଡ଼ିଆଳ,୩୧।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଚାଲିଥିବା ଖଡ଼ିଆଳ ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ବିଲୁପ୍ତ କ୍ରୀଡାକୁ ଉଜ୍ଜୀବିତ କରିବା ପାଇଁ ନଟୁ ଏବଂ ତୀରନ୍ଦାଜୀ ପ୍ରତିଯୋଗିତା ହୋଇଥିଲା। ମହୋତ୍ସବ ଆୟୋଜକ କମିଟି ଉପଦେଷ୍ଟା ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ମହୋତ୍ସବ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ସୁଶାନ୍ତ ତାଣ୍ଡିଙ୍କ ଉପସ୍ଥିତିରେ ଆୟୋଜିତ ନଟୁ ପ୍ରତିଯୋଗିତାରେ ୨୧ଜଣ ଏବଂ ତୀରନ୍ଦାଜୀରେ ୨୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ନଟୁ ପ୍ରତିଯୋଗିତାରେ ମୋହନ ଜଗତ ପ୍ରଥମ, ନିଖିଳ ଜଗତ ଦ୍ୱିତୀୟ ଏବଂ ତାନବିନ ମହମ୍ମଦ ତୃତୀୟ ଏବଂ ତୀରନ୍ଦାଜ ପ୍ରତିଯୋଗିତାରେ ଅଭି ପହରିଆ ପ୍ରଥମ, ଦେବାର୍ଚ୍ଚନ ପହରିଆ ଦ୍ୱିତୀୟ ଏବଂ ଗଜେନ୍ଦ୍ର ବାଗ ଏବଂ ଚିତ୍ତରଞ୍ଜନ ନିଆଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରୀଡା ବିଭାଗ ଆବାହକ ରତନ ସିଂ ବାରିକ, ପ୍ରଶାନ୍ତ ପ୍ରଧାନୀ, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**କୋକସରା,୩୧।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତରେ ଆମ ଓ ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଟାଇଛି। ସରପଞ୍ଚ ମାଧବୀ ଧରୁଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାନସଭା ସଭାପତି ମାନସ ରଞ୍ଜନ ବାଗ, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଏକାଉଣ୍ଟେଟେଣ୍ଟ ଅଶୋକ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରଜାନାଥ ପ୍ରକାଶ ସିଂ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡି ସରକାର ହିଁ ଏକମାତ୍ର ବିକଳ୍ପ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ଟିକେଶ୍ୱର ରାଉତ କରିଥିବା ବେଳେ ପିଇଓ ରାଜେନ୍ଦ୍ର ସୋରି ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ୯୯ ପୁରସ୍କାର ପାଇ ରାଜ୍ୟରେ ରେକର୍ଡ କଲା କଳାହାଣ୍ଡି



କଳାହାଣ୍ଡି ଡିଇଓ ସୁଶାନ୍ତ ଚୋପଦାରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରୁଛନ୍ତି।



ବିଭିନ ପୁରସ୍କାର ପାଇଥିବା କଳାହାଣ୍ଡି ଟିମ୍।

**ଭବାନୀପାଟଣା,୩୧।୧(ଉତ୍ତମ କୁମାର ଦାଶ)**

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

■ରାଜ୍ୟରେ କଳାହାଣ୍ଡି ଡିଇଓ ଶ୍ରେଷ୍ଠ ଭାବେ ପୁରସ୍କୃତ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଚଳିତବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର କଳାହାଣ୍ଡି ଜିଲା ଶିକ୍ଷା କ୍ଷେତ୍ରରେ ୯୯ଟି ପୁରସ୍କାର ପାଇ ରେକର୍ଡ କରିଛି। ଏହାକୁ ନେଇ ଜିଲାର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିରେ ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲା ଶିକ୍ଷାଧିକାରୀ (ଡିଇଓ) ଭାବେ କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ମନୋନୀତ ହୋଇଥିବା ବେଳେ ସର୍ବଶ୍ରେଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ୧୦ଜଣଙ୍କ ମଧ୍ୟରୁ ନର୍ଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ପୁରସ୍କୃତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ବ୍ଲକ ଭାବେ ୧୦ଟି ବ୍ଲକ ମଧ୍ୟରୁ କେସିଙ୍ଗା ବ୍ଲକ ରାଜ୍ୟସ୍ତରରେ ମନୋନୀତ ହୋଇଛି। ରାଜ୍ୟର ୫୮ଟି ସିଆରସିସି ପୁରସ୍କାର ମଧ୍ୟରୁ ଜିଲାରୁ ୨ଜଣ ସିଆରସିସି ରାଜ୍ୟ ପୁରସ୍କାର ପାଇଛନ୍ତି। ସେମାନେ ହେଲେ ଗୋଲାମୁଣ୍ଡା ବ୍ଲକ ସିଆରସିସି ଅଜିତ ପଧାନ ଓ ଭବାନୀପାଟଣାର ମିନତୀ କୁମାରୀ ପ୍ରଧାନ। ସେହିପରି କଳାହାଣ୍ଡିରୁ ୮ଟି ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିରେ ଗୋଲାମୁଣ୍ଡା ବ୍ଲକ ପୁଟିଆଚୁରା ଉପ୍ରା ବିଦ୍ୟାଳୟ, ଧର୍ମଗଡ଼ ବ୍ଲକ ବଗାଡ ଉପ୍ରା ବିଦ୍ୟାଳୟ, ଏମ୍. ରାମପୁର ବ୍ଲକ ଡୁମେରଗୁଡା ଉପ୍ରା ବିଦ୍ୟାଳୟ, କର୍ଲାମୁଣ୍ଡା ବ୍ଲକ ସୁରଜୁଲି ଉପ୍ରା ବିଦ୍ୟାଳୟ, ଜୁନାଗଡ଼ ବ୍ଲକ ହିଞ୍ଜିଳିବାହିଲି ଉପ୍ରା ବିଦ୍ୟାଳୟ, ଭବାନୀପାଟଣା ବ୍ଲକ ଗୁଡ଼ିଆଲିପଦର ଉପ୍ରା ବିଦ୍ୟାଳୟ, କଳମପୁର ବ୍ଲକ ବଙ୍କାପଲା ଉପ୍ରା ବିଦ୍ୟାଳୟ ଓ ଲାଞ୍ଜିଗଡ ବ୍ଲକ କର୍ନଲା ପ୍ରାଥମିକ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ୫ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ରାଜ୍ୟସ୍ତରରେ କଳାହାଣ୍ଡି ଜିଲାର ଭଟାଙ୍ଗପଦର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ରୂପେ ଘୋଷାଣ କରାଯାଇଛି। ସେହିଭଳି ରାଜ୍ୟସ୍ତରରେ ଉଚ୍ଚ ବିଦ୍ୟାଳୟରୁ ୫ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେମାନଙ୍କ ମଧ୍ୟରେ ସନ୍ତୋଷ କର ବିଜ୍ଞାନ, ବିରେନ୍ଦ୍ର ଆଚାର୍ଯ୍ୟ ଗଣିତ, ରାଜୁ କୁମାର ସାହୁ ହିନ୍ଦୀ, ବିନୋଦ କୁମାର ଭଦ୍ରା ସାମାଜିକ ବିଜ୍ଞାନ ଓ ଯୁଧିଷ୍ଠିର ମୁଦୁଲି ଇଂଲିଶ। ଏହା ବ୍ୟତୀତ ଜିଲାସ୍ତରୀୟ କୃତୀ ଶିକ୍ଷକରେ ଜୁନାଗଡ଼ ବ୍ଲକ ଚିଚୈଗୁଡା ନୋଡାଲ ହାଇସ୍କୁଲ ଶକ୍ତି ପ୍ରସାଦ ମେହେର, ମଥୁରା ରାଧାକୃଷ୍ଣ ହାଇସ୍କୁଲ ଶିକ୍ଷକ ଅନନ୍ତ ଥାଟି, କଳମପୁର ବ୍ଲକ ଧନପୁର ଅଚ୍ୟୁତାନନ୍ଦ ହାଇସ୍କୁଲର ଅନୀଲ ମାଝି, ଧର୍ମଗଡ଼ ବ୍ଲକ ପର୍ଲା ହାଇସ୍କୁଲର ନବ କୁମାର ସୁନାରୀ, କଳମପୁର ବ୍ଲକ ମଣ୍ଡଳ ହାଇସ୍କୁଲ ବୀରେନ୍ଦ୍ର ଚୌହାନ, ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲର ଗୀତାଞ୍ଜଳୀ ତ୍ରିପାଠୀ ପ୍ରମୁଖଙ୍କ ସହ ଜିଲାର କୃତୀ ଛାତ୍ରୀଛାତ୍ରଙ୍କୁ ମିଶାଇ ୯୯ଟି ପୁରସ୍କାର କଳାହାଣ୍ଡି ଜିଲାକୁ ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଭାଗୀୟ ଶାସନ ସଚିବ ଅଶ୍ୱଥୀ ଏସ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିଶା ସରକାରଙ୍କ ମୋ ସ୍କୁଲ ପରିଚାଳନା ସଙ୍ଗଠନ ପକ୍ଷରୁ କଳାହାଣ୍ଡି ଜିଲାର ଶିକ୍ଷାର ମାନଦଣ୍ଡକୁ ବିଚାର କରି ଏହି ପ୍ରାଥମିକତା ଦେଇଥିବା ଜଣାପଡିଛି।

### ଭାଜପାକୁ ପୁଣି ଫେରିଲେ ରବୀନ୍ଦ୍ର ପଟ୍ଟଯୋଷୀ

**ଭବାନୀପାଟଣା,୩୧।୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ପଟ୍ଟଯୋଷୀ ମଙ୍ଗଳବାର କଂଗ୍ରେସ ଛାଡି ପୁଣି ଭାଜପାକୁ ଫେରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ ଭାଜପାରେ ସାମିଲ ହୋଇଥିବା ଜଣାପଡିଛି। ୨୦୧୪ ସାଧାରଣ ନିର୍ବାଚନରେ ରବୀନ୍ଦ୍ର ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ରହିଥିଲେ। ଏହି ନିର୍ବାଚନରେ ସେ ବିଜେଡିର ବିଧାୟକ ପ୍ରାର୍ଥୀ ଥିବା ପୁଷ୍ପେନ୍ଦ୍ର ସିଂଦେଓଙ୍କଠାରୁ ପରାଜୟ ହୋଇଥିଲେ। ଏହାପରେ ୨୦୧୯ ସାଧାରଣ ନିର୍ବାଚନରେ ରବୀନ୍ଦ୍ରଙ୍କୁ ବିଧାୟକ ଟିକେଟ ଦିଆ ନ ଯାଇ ତାଙ୍କ ପରିବର୍ତ୍ତେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓଙ୍କୁ ଦଳ ଟିକେଟ ଦେଇଥିଲା। ଏଥିରେ ଅସନ୍ତୋଷ ହୋଇ ସେତେବେଳେ ରବୀନ୍ଦ୍ର ସ୍ୱାଧୀନ ପ୍ରାର୍ଥୀରେ ଛିଡା ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସରେ ଯୋଗଦେଇଥିଲେ।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

**ନୂଆପଡ଼ା,୩୧।୧(ମକାରୁ ବେମାଲ)**



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲାରେ ଚାଷୀଙ୍କ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, କଟନୀ ଛଟନୀ ଓ ବିଭିନ୍ନ ସମସ୍ୟା ନେଇ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଭାଜପା କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ରହି ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ କୃଷକ ଜନ କଲ୍ୟାଣକାରୀ ଯୋଜନା ପ୍ରୟଣୟନ କରିଛନ୍ତି। ଏହି ସବୁ ଯୋଜନାରେ ସବୁ ରାଜ୍ୟର ଚାଷୀମାନେ ଉପକୃତ ହେଉଥିବା ବେଳେ ଓଡିଶା ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ୨୪ ବର୍ଷ ଶାସନ କାଳରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଚାଷୀଙ୍କୁ ଶୋଷଣର ଚରମ ସୀମାରେ ପହଞ୍ଚିଛି। ଚଳିତ ଖରିଫ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଅବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ ରୁ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଇଛି। ଅଖା ଓ ସୁତଳି ଦିଆ ଯାଇନାହିଁ। ଧାନକୁ ସୁରକ୍ଷିତ ରଖିବା ପାଇଁ ଗୋଦାମ ଗୃହନାହିଁ। ବିଶ୍ରାମ ଗୃହ, ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଏସବୁ ବ୍ୟବସ୍ଥା କରୁଥିଲେ ମଧ ସବୁ ବାଟବଣା ହେଉଥିବାରୁ ସିବିଆଇ ତଦନ୍ତ କରି ପ୍ରକୃତ ଦୋଷୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। କୃଷକ ମୋର୍ଚ୍ଚା ଜିଲା ସଭାପତି ସାହୁଙ୍କ ସମେତ ହେତରାମ ସାହୁ, ଗେନ୍ଦଲାଲ ସାହୁ, ଉମାଶଙ୍କର ପ୍ରଧାନ, ମୋରାମ ପଟେଲ, ବେଗୁ ପାଣ୍ଡେ, ଗୌତମ ଜୈନ, ସନ୍ତୋଷ କୁମାର ସାହୁ, ବନବାସ ଭୋଇ, ରାକେଶ ଜୈନ, ଦୀପକ କୁମାର ସାହୁ, ମେଘେସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଡୁଡାଲୁ ଓ ଶିଆଳମାଲ ରାସ୍ତା ନିର୍ମାଣରେ ଅନିୟମିତତା

**ନର୍ଲା,୩୧।୧(ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ କୁର୍ମେଲ ଗ୍ରାମପଞ୍ଚାୟତ ଅଧୀନ ଡୁଡ଼ାଲୁ ଗ୍ରାମରୁ ଶିଆଳମାଲକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗ ରାସ୍ତା ଏବଂ ବ୍ରିଜ ପାଇଁ ୯ ଲକ୍ଷ ୫୦ ହଜାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ପାଇଁ ୫ ଲକ୍ଷ ୬୨ ହଜାର ସମୁଦାୟ ୧୫ ଲକ୍ଷ ୧୨ ହଜାର ଟଙ୍କା ୨୦୨୨-୨୩ରେ ଖର୍ଚ୍ଚ କରାଯାଇଥିବା ସୂଚନା ରହିଛି। କିନ୍ତୁ ଉକ୍ତ କାର୍ଯ୍ୟରେ ନିୟୋଜିତ ଠିକାଦାର ତହସିଲ ସାହୁ ନିମ୍ନମାନର କାର୍ଯ୍ୟ କରିବା ସହ ନିୟୋଜିତ ଶ୍ରମିକମଙ୍କୁ ବର୍ଷେରୁ ଅଧିକ ସମୟ ଧରି ପାରିଶ୍ରମିକ ନ ଦେବା ଏବଂ ରାସ୍ତା କାର୍ଯ୍ୟରେ ଅନୁମୋଦନ ପାଇଥିବା ବ୍ରିଜ ଓ ପୋଲ କାର୍ଯ୍ୟ ନ କରି ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରିଥିବା ଗ୍ରାମବାସୀ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଉକ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକଙ୍କୁ ପଚାରିବାରୁ ସେହି କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ କିମ୍ବା କୌଣସି ସରକାରୀ ଅର୍ଥ ଦୁରୁପଯୋଗ ହୋଇନହିଁ। ଠିକାଦାର ସାହୁଙ୍କୁ ପଚାରିବାରୁ କାର୍ଯ୍ୟ ଏଷ୍ଟିମେଟରେ ୯୦୦ ମିଟର ଥିବାବେଳେ ଢେର୍ ଅଧିକ କାର୍ଯ୍ୟ କରାଯାଇଥିବା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କଲେ ସତ ଜଣାପଡ଼ିବ।

### ନିଆରା ଢଙ୍ଗରେ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦେଲେ ବନବାସୀ



ବର ବେଶରେ ଶିକ୍ଷକଙ୍କୁ ଗାଁ ପରିକ୍ରମା କରାଯାଉଛି। ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା,୩୧।୧(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ସୁନାବେଡା ଅଭୟାରଣ୍ୟସ୍ଥିତ ସୋସେଙ୍ଗ ଆଶ୍ରମ ବିଦ୍ୟାଳୟରେ ଅବସର କାଳୀନବିଦାୟ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନବାସୀ ନିଆରା ଢଙ୍ଗରେ ସୋସେଙ୍ଗ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ମାଝିଙ୍କୁ ବାଣ ଫୁଟାଇ ବାଜା ବଜାଇ ଗାଁ ପରିକ୍ରମା କରି ଘରେ ଘରେ ବନ୍ଧାପଣା କରି ନାଚଗୀତରେ ବିଦାୟ ଦେଇଛନ୍ତି। ସୁନାବେଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ମାଝିଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସଭାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ଧରୁଆ ମୁଖ୍ୟଅତିଥି, କୋମନା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତ୍ରିଲୋଚନ ବାଗ ମୁଖ୍ୟବକ୍ତା, ସିଆରସିସି ହେମନ୍ତ ଯୋଶୀ, ସରପଞ୍ଚ ମେଘନାଦ ମାଝି, ପୂର୍ବତନ ସରପଞ୍ଚ ଜଗମୋହନ ମାଝି, ତେଜୁରାମ ତାଣ୍ଡି, ହରଦେବ ହଂସ, ସନ୍ତୋଷ ହୋତା, ବାଳକୃଷ୍ଣ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ, ମିଷ୍ଟଭାଷି, ପରୋପକାରୀ, ଶହାନୁଶିଳ, ଉଦାର ମନୋଭାବ ଥିଲେ। ଶିକ୍ଷାଦାନ କ୍ଷେତ୍ରରେ ସବୁବେଳେ ତାଙ୍କର ରୁଚି ରହିଥିଲା। ସୋସେଙ୍ଗ ଆଶ୍ରମରେ ୮ବର୍ଷ ପ୍ରଧାନ ଶିକ୍ଷକ ଭାବେ ରହିବା ମଧ୍ୟରେ ବନବାସୀଙ୍କ ମଧ୍ୟରେ ନିବିଡ ସମ୍ପର୍କ ରହିଥିଲା। ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଭିତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶିକ୍ଷକଙ୍କ ନିବିଡ ସମ୍ପର୍କକୁ ଗ୍ରାମବାସୀ ଭୁଲି ନ ପାରି ଭୋଜିଭାତ କରି ବିଦାୟ ଦେଇଥିଲେ। ତାରଜନ ସିଂ ଦଣ୍ଡସେନା ସଭା ପରିଚାଳନା କରିଥିବା ବେଳେ ବ୍ରଜ ମୋହନ ବିଶ୍ୱଳ ଧନ୍ୟବାଦ ଅର୍ପଣ କରିଥିଲେ। ମାଧବ ଧରୁଆ, ଟିବୁ ମାଝି, ଜଲସିଂ ମାଝି, ମୋତି ଶବର, ନନ୍ଦିନୀ ଶବର ପ୍ରମୁଖ ଯୋଗଦେଇଥିଲେ।

## ମହୋତ୍ସବରେ କବି ସମ୍ମିଳନୀ

**ଖଡ଼ିଆଳ,୩୧।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନରେ ମହୋତ୍ସବ ପାଳନ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ବଳଭଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି, ଶିକ୍ଷାବିତ୍ ତଥା କବି ନୁର ମହମ୍ମଦ ଏବଂ କବି ସମ୍ମିଳନୀ ଆବାହକ ତଥା କବି ଗୌରାଙ୍ଗ କୁମାର ସାହୁ ମଞ୍ଚାସୀନ ଥିଲେ। ଅଧାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ, କବୟିତ୍ରୀ ମନୋରମା ରଥ ଓ ମାନିନୀ ମେହେର କବିତା ସଂଯୋଜନା କରିଥିଲେ। କବି ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଗୋବିନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କବୟିତ୍ରୀ ସବିତା ପଟ୍ଟନାୟକ ସରସ୍ୱତୀଙ୍କ ବନ୍ଦନା ଗାନ କରିଥିଲେ। ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଜିଲାରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା,୩୧।୧(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ନେଗିପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କ୍ଷିତିଭୂଷଣ ବିଶ୍ୱଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟଅତିଥି, ପୂର୍ବତନ କଲେଜ ଅଧ୍ୟକ୍ଷ ଡ.ଶିବ ପ୍ରସାଦ ବେହେରା, ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସଦର ବ୍ଲକ ବିଡିଓ ବିପିନ ବିହାରୀ ଦୀପ, ରାମଲାଲ ହଂସ ପ୍ରମୁଖ ସମ୍ମାନିତ ଅତଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟରୁ ଜିଲାସ୍ତରକୁ ଉତ୍ତିର୍ଣ୍ଣ ହୋଇ ଜାତୀୟସ୍ତରରେ ଭାଗ ନେଇଥିବା ଓ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ପ୍ରମୁଖ ସହଯୋଗ କରିଥିଲେ।




କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ବଦଳି ନେଇ ବନ୍ଦ ପାଳନ

**କେସିଙ୍ଗା,୩୧।୧(ଡୁମେଶ୍ୱର ସାହୁ)**




କେସିଙ୍ଗା ବ୍ଲକ ସମ୍ମୁଖ ଜାତୀୟ ରାଜପଥ ୨୬ ଉପରେ ରାସ୍ତା ଅବରୋଧ।

■ଜାତୀୟ ରାଜପଥ ଅବରୋଧ

■ସାମିଲ ହେଲେ କାଉନସିଲର, ବିଭିନ୍ନ ରାଜନୈତିକ ଦଳ

■ବଦଳିଲେ ନିର୍ବାହୀ ଅଧିକାରିଣୀ

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ନିର୍ବାହୀ ଅଧିକାରିଣୀଙ୍କ ମନମୁଖୀ କାର୍ଯ୍ୟକଳାପ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତାଙ୍କୁ ବଦଳି କରିବା ଦାବିରେ ବୁଧବାର ବିକାଶ ମଞ୍ଚ, ବିଭିନ୍ନ ରାଜନୈତିକ ଦଳ ଏବଂ କାଉନସିଲରଙ୍କ ପକ୍ଷରୁ କେସିଙ୍ଗା ଏନ୍‌ଏସି ବନ୍ଦ ପାଳନ କରାଯାଇଥିଲା। ଏହାର ପ୍ରଭାବରେ ଅପରାହ୍ନରେ ଏନ୍‌ଏସି ନିର୍ବାହୀ ଅଧିକାରିଣୀଙ୍କୁ ବଦଳି କରାଯାଇଛି। ସୂଚନା ଯେ, ଗତ ୨ ଦିନ ଧରି ଏନଏସି ସମ୍ମୁଖରେ ନିର୍ବାହୀ ଅଧିକାରିଣୀ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଗଣଧାରଣା ଦିଆଯାଇଥିଲା। ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ପୁଣି ବୁଧବାର ସକାଳୁ ବନ୍ଦ ପାଳନ କରାଯାଇ ବ୍ଲକ ସମ୍ମୁଖରେ ଜାତୀୟ ରାଜପଥ ବିକାଶ ମଞ୍ଚ ଓ ବିଭିନ୍ନ ରାଜନୈତିକ ଦଳ ଏବଂ କାଉନସିଲରଙ୍କ ମିଳିତ ଉଦ୍ୟମରେ ରାସ୍ତା ଅବରୋଧ କରାଯାଇଥିଲା। ଯଦି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ଅନିର୍ଦ୍ଦିଷ୍ଟକାଳ ପାଇଁ ଏନଏସି କାର୍ଯ୍ୟାଳୟ ଅଚଳ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଅପରାହ୍ନ ସାଢେ ୩ଟାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପିଡି ଡୁଡ଼ା ମୁନିନ୍ଦ୍ରା ହୋନେଗା ଏନଏସି ପରିଦର୍ଶନରେ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ନିର୍ବାହୀ ଅଧିକାରିଣୀଙ୍କୁ ବଦଳି ପାଇଁ ଆଦେଶ ଦେବା ପରେ ଆନ୍ଦୋଳନକାରୀମାନେ ରାଜରାସ୍ତାରୁ ହଟି ଯାଇଥିଲେ। ସହରର ୧୨ଟି ୱାର୍ଡରେ ଥିବା ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ, ସ୍କୁଲ, କଲେଜ, ବ୍ଲକ, ତହସିଲ ଆଦି କାର୍ଯ୍ୟାଳୟ ବନ୍ଦ କରାଯାଇଛି। ବନ୍ଦଯୋଗୁ ଯାନବାହନ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ହୋଇଥିଲା। ଏନଏସିର ବିଭିନ୍ନ ୱାର୍ଡର କାଉନସିଲରଙ୍କୁ ମଧ ଦୁର୍ବ୍ୟବହାର କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

## ଆଜି କ'ଣ କେଉଁଠି

**ବରଗଡ଼**
- ଜିଲାସ୍ତରୀୟ କବି ସମ୍ମିଳନୀ, ମିଶନ ଶକ୍ତି ଭବନ, ବରଗଡ଼ ପୂର୍ବାହ୍ନ ୧୧ଟା

**ବରପାଲି**
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଗୋପେଇପାଲି, ଦିନ ୧୨ଟା

## ସଂକ୍ଷେପରେ

### ହାଇସ୍କୁଲର ବାର୍ଷିକ ଉତ୍ସବ

ଗାଇସିଲେଟ,୩୧ ।୧(ବେଦପ୍ରକାଶ କଲେତ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଜଗଲପାଟ ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ତହସିଲଦାର ଟିସସ୍ ମହାନନ୍ଦିଆ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ପ୍ରବୀଣ ପାଣିଗ୍ରାହୀ, ସରପଞ୍ଚ ରାଧାକାନ୍ତ ବୁଡ଼େକ, ସମିତିସଭ୍ୟ ଜିନ୍ଦା ଭୋଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ ବେହେରା, ଦେବେନ୍ଦ୍ର ଯୋଶୀ, ସରୋଜ ଶ୍ରୀଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ମନୋଜ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୀବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଶୀତକାଳୀନ ଶିଶୁ କ୍ରୀଡ଼ା ମହୋତ୍ସବ

ବରଗଡ଼,୩୧ ।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ରାଇଶୋଭା ଗ୍ରାମରେ ଶୀତକାଳୀନ ଶିଶୁ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପତଙ୍ଗ ଅନୁଷ୍ଠାନ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ଓ ଭଟଲି ବ୍ଲକ ଅନ୍ତର୍ଗତ ୧୫ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକ ତଥା ସମୁଦାୟ ୨୬୦ଜଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଚୁଣିଲାଲ ସେଟ୍, ଦିପ୍ତୀମାନ ପାଣିଗ୍ରାହୀ, ଦୁଷ୍ଟ ପ୍ରଧାନ, ଅରୁନ୍ଧତୀ ସ୍ୱାଇଁ, ନିର୍ମଳ ଚରଣ ସାହୁ ଅତିଥିଭାବେ ଯୋଗଦାନ କରିଥିଲେ। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଖେଳ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଇଶୋଭା ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି, ଅଭିଭାବକ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବରପାଲି, ୩୧।୧(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ଏନଏସିସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଯୋଗଦେଇଥିଲେ। ପାଠପଢା ସହିତ ଜଣେ ସୁନାଗରିକ ହେବାକୁ ମନ୍ତ୍ରୀ ସାହୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, କଲେଜ ପରିଚାଳନା କମିଟି ସଭାପତି ସତ୍ୟ ନାରାୟଣ ଦାଶ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଦିନେଶ ଗହୀର, ବ୍ଲକ ଚେୟାରମ୍ୟାନ ରୀନା ଥଇତ, ମୁଖ୍ୟବକ୍ତା ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ ଯୋଗ ଦେଇଥିଲେ। ଅଧାପକ ନେପାଲ ବିଶ୍ୱାଳ, ଅଧାପିକା ପରିଣୀତା ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ଦଶ ଜଣଙ୍କ ମଧରେ ପ୍ରଥମ ଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମଶ୍ରୀ ପୁରସ୍କାର ମନୋନୀତ ଭାଗବତ ପ୍ରଧାନ, ସମାଜସେବୀ ଝାସକେତନ ମେହେର, ନାଟ୍ୟ ନିର୍ଦ୍ଦେଶକ ଅମିୟ କୁମାର ପ୍ରଧାନଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀମାନେ ଆମର ଝିଅ ନାଟକ ପରିବେଷଣ କରିଥିଲେ।

# ଲିଫ୍ଟ ଅଚଳ, ବିଦ୍ୟୁତ୍ ସେବା ଫେଲ୍




ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ।



ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ ।

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଣ ପାଇଁ ସରକାର ୨୦୧୨ରୁ ଉଦ୍ୟମ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ଦିବାସ୍ୱପ୍ନ ପାଲଟିଛି। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ସେବା ବ୍ୟାହତ ଯୋଗୁ ରୋଗୀ ଅନ୍ଧାରରେ ରହୁଥିବା ସାଧାରଣରେ ପରିଣତ ହୋଇଥିବାବେଳେ ମୋବାଇଲ ଟର୍ଚ୍ଚ କିମ୍ବା ଟର୍ଚ୍ଚ ଲାଇଟ୍‌ରେ ରୋଗୀଙ୍କ ଚିକିତ୍ସା ଚାଲୁଥିବା ଭଳି ଅଭିଯୋଗ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଦିନ ତଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ବିଷକ୍ରିୟା ଯୋଗୁ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ବରଗଡ଼ ଜିଲା ଗାଇସିଲେଟ ବ୍ଲକ କନ୍ଦାଗାଡ଼ ଗ୍ରାମର ଦୁର୍ବାସା ବରିହାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କୁ ଭେଷଜ ବିଭାଗରେ ଭର୍ତ୍ତି କରାଯିବା ସହିତ ଅକ୍ସିଜେନ ଦିଆଯାଉଥିଲା। ତେବେ ବୈଦ୍ୟୁତିକ ମେଶିନରେ ଅକ୍ସିଜେନ ଦିଆଯାଉଥିବାବେଳେ ସୋମବାର ସନ୍ଧ୍ୟାରେ ହଠାତ୍ ବିଦ୍ୟୁତ ସେବା ବ୍ୟାହତ ହୋଇ ପଡ଼ିଥିଲା। ଏହା ପରେ ଅସୁସ୍ଥ ଦୁର୍ବାସା ପୂର୍ବାପେକ୍ଷା ଅଧିକ ଧଇଁସଇଁ ହୋଇ ପଡ଼ିଥିଲେ। ଦୁର୍ବାସାଙ୍କ ପୁଅ ରାଜେଶ ସୂଚନା ଦେବା ପରେ ଡାକ୍ତରଖାନା ସ୍ୱାସ୍ଥ୍ୟକର୍ମୀମାନେ ଅନ୍ୟଏକ ଅକ୍ସିଜେନ ସିଲିଣ୍ଡର ଧରି ପହଞ୍ଚିଥିଲେ। ସେଥିରୁ ଅକ୍ସିଜେନ ଦିଆଯାଇଥିଲା ବୋଲି ରାଜେଶ କହିଛନ୍ତି ।

ତେବେ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହା ନୂଆ ନୁହେଁ । ଗତ କିଛିଦିନ ତଳେ ବିଦ୍ୟୁତ ସେବା ବ୍ୟାହତ ହେବା ପରେ ମୋବାଇଲ ଟର୍ଚ୍ଚ ଲାଇଟ୍ ଯୋଗେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଇଥିବା ଚର୍ଚ୍ଚା ଚାଲିଛି। ଏଠାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଅଟୋମେଟିକ୍ ସିଷ୍ଟମ ହୋଇ ନ ଥିବା ଯୋଗୁ

- ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା
- ୭ରୁ ଅଚଳ ହୋଇ ପଡ଼ିଛି ୬ଲିଫ୍ଟ
- ରୋଗୀଙ୍କୁ ମିଳୁନି ୨୪ଘଣ୍ଟିଆ ବିଦ୍ୟୁତ୍ ସେବା

ସେଭଳି ସମସ୍ୟା ବାରମ୍ବାର ଉପୁଜି ଆସୁଛି ବୋଲି ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ କହିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ଯେଉଁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି, ତାହା ମାନୁଆଲ ଟ୍ରାନ୍ସଫର୍ମର। ନିୟୋଜିତ କର୍ମଚାରୀ ସବୁବେଳେ ସେଠାରେ ଉପସ୍ଥିତ ରହିବା କଥା। ମାତ୍ର ବିଦ୍ୟୁତ୍ ସରବରାହ ବ୍ୟାହତ ହେବାର କିଛି ସମୟ ପରେ ସମ୍ପୃକ୍ତ କର୍ମଚାରୀ ମାନୁଆଲ ଟ୍ରାନ୍ସଫର୍ମରକୁ ଷ୍ଟାର୍ଟ କରିବା ପାଇଁ ଆସୁଥିବା ଯୋଗୁ ସେଭଳି ବିଳମ୍ବ ଘଟୁଛି ବୋଲି ଅଗ୍ରୱାଲ କହିଛନ୍ତି।

କେବଳ ବିଦ୍ୟୁତ୍ ସମସ୍ୟା ନୁହେଁ, ୭ମହଲା ବିଶିଷ୍ଟ ଡାକ୍ତରଖାନାର ଉପର ମହଲାଗୁଡ଼ିକୁ ଚଢ଼ିବା ପାଇଁ ୭ଟି ଲିଫ୍ଟ ବ୍ୟବସ୍ଥା ରହିଛି। ମାତ୍ର ସେଥିରୁ ୬ଟି ଅଚଳ ହୋଇ ପଡ଼ିଥିବା ସୂଚନା ମିଳିଛି। ୨୦୨୦ ଜାନୁଆରୀ ୩୦ରେ ଉକ୍ତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଥିଲା। ତେବେ ଡାକ୍ତରଖାନାରେ ଲିଫ୍ଟ ନିର୍ମାଣ ଏକ ଘରୋଇ କମ୍ପାନୀ କରିଥିଲା ଏବଂ ୫ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବା କଥା। ମାତ୍ର ସମ୍ପୃକ୍ତ କମ୍ପାନୀ ସେଥିପ୍ରତି ଆଉ ଦୃଷ୍ଟି ଦେଉ ନ ଥିବାବେଳେ ଅଚଳ ଲିଫ୍ଟ ଯୋଗୁ ରୋଗୀଙ୍କୁ ବହୁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିତେନ୍ଦ୍ର ମୋହନ ବେବର୍ତ୍ତାଙ୍କୁ ପଚାରିବରୁ ସେ ବାହାରେ ଅନ୍ୟକାମରେ ବ୍ୟସ୍ତ ଅଛନ୍ତି, ପରେ ତାଙ୍କ ପ୍ରତିକ୍ରିୟା ଦେବେ ବୋଲି କହିଥିଲେ।

## ପୋଲିସ ଅଧିକାରୀସ୍ତରରେ ବଦଳି

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପୋଲିସସ୍ତରରେ ଅଧିକାରୀଙ୍କ ଅଦଳବଦଳ ହୋଇଛି। ଜିଲା ପୋଲିସ ମୁଖ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅମ୍ବାଭୋନା ଥାନା ଅଧିକାରୀ ତଥା ଇନ୍ସପେକ୍ଟର ବୁଲୁ ମୁଣ୍ଡାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଜଗଦଲପୁର ଥାନା ଅଧିକାରୀ ବିପିନ ବାଗଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ସବଇନ୍ସପେକ୍ଟସ୍ତରରେ ଅଦଳବଦଳ ହୋଇଛି। ବିଜେପୁର ଥାନାରେ କାର୍ଯ୍ୟରତ ସବଇନ୍ସପେକ୍ଟର(ଏସ୍‌ଆଇ) ସୁମିତ୍ରା ବାଗଙ୍କୁ ମେଲଛାମୁଣ୍ଡା ଥାନା, ଏସଆଇ ବୀରେନ୍ଦ୍ର ବାଗଙ୍କୁ ବରପାଲିରୁ ପାଇକମାଲ ଥାନା, ଅନୀମା ଏକ୍କାଙ୍କୁ ବରପାଲିରୁ ସୋହେଲା, ଏଲାଇସ୍ ଖାଲକୋଙ୍କୁ ବରଗଡ଼ ସଦର ଥାନାରୁ ବିଜେପୁର ଥାନାକୁ ବଦଳି ହୋଇଛି। ସେହିପରି ବୁଢ଼େନ ଥାନାର କୈଳାସ ଚନ୍ଦ୍ର ପ୍ରଧାନଙ୍କୁ ବୁଢ଼େନ ଥାନାରୁ ଜଗଦଲପୁର ଥାନା ଅଧିକାରୀଭାବେ ବଦଳି ହୋଇଥିବାବେଳେ ବାଲୁଙ୍କେଶ୍ୱର ନାଏକଙ୍କୁ ମେଲଛାମୁଣ୍ଡା ଥାନାରୁ ବୁଢ଼େନ ଥାନା ଅଧିକାରୀଭାବେ ବଦଳି ହୋଇଛି। ଏହା ସହିତ ଏସ୍‌ଆଇ ଦେବାର୍ଚ୍ଚନ ମଲ୍ଲିକଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ବରପାଲି ଥାନାକୁ ବଦଳି ହୋଇଛି।

## ସୂଚନା ଅଧିକାର ଉପରେ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀବୃନ୍ଦ।

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଜିଲାସ୍ତରୀୟ ସୂଚନା ଅଧିକାର ଅଧିନିୟମ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଜନ ସୂଚନା ଅଧିକାରୀ ଏବଂ ଅତିରିକ୍ତ ଜନ ସୂଚନା ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରରେ ମଧ୍ୟ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଜନ ସୂଚନା ଅଧିକାରୀ ଏବଂ ଅତିରିକ୍ତ ଜନ ସୂଚନା ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକମୁକ୍ତ ବଣଭୋଜି ପାଇଁ ସଚେତନତା

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବନ ବିଭାଗ ଏବଂ ଜିଲା ପରିବେଶ ସୁରକ୍ଷା ମଞ୍ଚର ମିଳିତ ଉଦ୍ୟମରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପଥରସେନୀ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଞ୍ଜିପାଲିସ୍ଥିତ ମହାନଦୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରେମସାଗର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ । ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ଲାଷ୍ଟିକ ଆବର୍ଜନାର ଅପକାରିତା ଉପରେ କହିଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ସହକାରୀ ବନ ସଂରକ୍ଷକ ସୁବୋଧ କୁମାର ସାହୁ, ଅର୍ଜୁଣ୍ଡା ବନ ସଂରକ୍ଷଣ ସମିତିର ସଭାପତି ବାଞ୍ଛାନିଧି ଭୁଏ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।



ପଥରସେନୀ ପର୍ଯ୍ୟଟନସ୍ଥଳୀରେ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ରୁଚିଦାସ୍ଥିତ ପୁରୁଷୋତ୍ତମ ହାଇସ୍କୁଲର ସାଇରାଜ ପାଣ୍ଡେ ପ୍ରଥମ, ଅମ୍ବାଭୋନା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାୟଲ ନାୟକ ଦ୍ୱିତୀୟ ଏବଂ ଅମ୍ବାଭୋନାସ୍ଥିତ କେଦାରନାଥ ଆଦିବାସୀ ହାଇସ୍କୁଲର ଭବାନୀ ଶଙ୍କର ସାହୁ ତୃତୀୟ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ବାଞ୍ଜିପାଲିସ୍ଥିତ ମହାନଦୀ ହାଇସ୍କୁଲର ଅବିନାଶ ଖମାରୀ, ଜୟପ୍ରକାଶ ସାହୁ, କିରଣ କୁମାର ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅମ୍ବାଭୋନା ବନପାଳ ଲେକୃ ପାଣ୍ଡେ, ବିଷ୍ଣୁଚରଣ ବିଶ୍ୱାଳ, କୃପାସିନ୍ଧୁ ପ୍ରଧାନ, ପର୍ଶୁରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭଟଲି ବନପାଳ ରାଜେନ୍ଦ୍ର କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରବନ୍ଧ, ୩୧।୧(ଦେବେନ୍ଦ୍ର ସାହୁ)

ବରଗଡ ଜିଲା ଝାରବନ୍ଧ ବ୍ଲକ ଡୁଡୁକିଦାଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ବିନୋଦ ବିହାରୀ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ସମ୍ମାନିତ ଅତିଥିଭାବେ ଝାରବନ୍ଧ ଥାନା ଅଧିକାରୀ ସୁଚିସ୍ମିତା ମହାନ୍ତି, ସରପଞ୍ଚ ସୁନୀଲ ରାୟ, ସିଆରସିସି ଦିବ୍ୟକିଶୋର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ କାନ୍ତି ବରିହା ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲୀଳା ମହାନନ୍ଦ ବାର୍ଷିକ ବିବରଣୀ ପାଠ, ଶିକ୍ଷକ ଚଉବନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ସଂସ୍କାର ସ୍କୁଲରେ ଜ୍ଞାନମେଳା

ବରଗଡ଼,୩୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଜ୍ଞାନମେଳା ଟ୍ରେଲ ବ୍ଲେଜର ପାୟୋନିୟର ଅଫ୍ ଟୁମୋରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିଆ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ସଂସ୍କାର ସାପଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡ଼ିଆ, ଭାଇସ୍ ପ୍ରିନ୍ସିପାଲ ସଙ୍ଗୀତା ଶର୍ମା, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନା, ବବିତା ସାଓ୍ୱଡ଼ିଆ, ମମତା ଅଗ୍ରୱାଲ, ରେଖା ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିବାବେଳେ ଅଭିଭାବକମାନେ ମଧ୍ୟ ଯୋଗଦାନ କରିଥିଲେ। ଗଣିତ, ସାମାଜିକ ବିଜ୍ଞାନ, ରାମାୟଣ, ମହାଭାରତ, ବାୟୁ ପ୍ରଦୂଷଣ, ବୃକ୍ଷରୋପଣ ଆଦି ଉପରେ ପ୍ରକଳ୍ପଗୁଡ଼ିକ ରହିଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରିନ୍ସିପାଲ କରନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍କୁଲ ଚେୟାରମ୍ୟାନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

## ଆଜିଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ପଦ୍ମପୁର ୩୧।୧ (ପ୍ରଦୀପ୍ତ ଦାଶ)

**ପଦ୍ମପୁର ଜିଲା ଦାବି**
**୫ରୁ ସରକାରୀ କାର୍ଯ୍ୟାଳୟ ବନ୍ଦ**

ରାଜ୍ୟ ସରକାରଙ୍କ ଦୃଢ ପ୍ରତିଶ୍ରୁତି ସତ୍ତ୍ୱେ ପଦ୍ମପୁର ଜିଲା ଘୋଷଣା ହେଲାନାହିଁ। ଏହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହାର ପ୍ରତିବାଦ କରିଛି ମିଳିତ କ୍ରିୟାନୁଷ୍ଠାନ କୋର୍ କମିଟି। ଫେବୃୟାରୀ ୧ତାରିଖ ଗୁରୁବାରଠାରୁ କମିଟି ପକ୍ଷରୁ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ। ରାଜାଜୀ ଟାଉନ ହଲରେ ଆବାହକ ସନ୍ତୋଷ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଳିତ କ୍ରିୟାନୁଷ୍ଠାନ କୋର କମିଟିର ଏକ ଜରୁରୀ ବୈଠକରେ ସ୍ଥିର କରାଯାଇଛି। ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକର ପ୍ରତିନିଧିଙ୍କ ଉପସ୍ଥଇତିରେ ଜିଲା ଦାବି ଆନ୍ଦୋଳନକୁ ତୀବ୍ର କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହିତ ଫେବୃୟାରୀ ୫ରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ। ଅତ୍ୟାବଶ୍ୟକ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ, ଅଗ୍ନିଶମ କାର୍ଯ୍ୟାଳୟ ଖୋଲା ରହିବ। ଏତଦ୍ ବ୍ୟତୀତ ପ୍ରତ୍ୟେକ ଗ୍ରାମରେ ସଙ୍ଗଠନକୁ ସୁଦୃଢ କରିବାକୁ ଜନସଚେତନ କରାଯିବ। ଶେଷରେ ଏକ ବିରାଟ ସମାବେଶ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସଂଯୋଜକ ଅଜିତ ଶତପଥୀ, ସମ୍ପାଦକ ଚିନ୍ମୟ ପଣ୍ଡା, ରାମଚନ୍ଦ୍ର ତ୍ରିପାଠୀ, ଗୋବର୍ଦ୍ଧନ ଭୋଏ, ରୋହିତ ପ୍ରଧାନ, ରଘୁନାଥ ପୁରୀ, ବୀରଦୈତ୍ୟ ସାହୁ, ମନୋଜ ବାରିକ, ମନୋରଞ୍ଜନ ସିଂ ବରିହା, ପ୍ରତାପ ମିଶ୍ର, ବିଜୟ ସାହୁ, ମନୋଜ ତ୍ରିବେଦୀ, ବିନୋଦ କାଲିଆ, ନିରୋଜ ଦୋରା, ଜୟ ନାରାୟଣ ତ୍ରିବେଦି ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଗ୍ରାମ୍ୟ କମିଟି ଗଠିତ

ଝାରବନ୍ଧ, ୩୧।୧(ଦେବେନ୍ଦ୍ର ସାହୁ)

ଦେବଗଡ ଜିଲା ଝାରବନ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମ୍ୟ ପରିଚାଳନା କମିଟି ର ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ସଭାପତିଭାବେ ମୋହନ ପ୍ରଧାନ, ସମ୍ପାଦକ ରାଜେଶ ପ୍ରଧାନ, ପରିଚାଳନା କମିଟି ସଭ୍ୟ ଭାବେ ଗୋବିନ୍ଦ ପଟେଲ, ଗୋବିନ୍ଦ ବେହେରା, ରୋଶନ ଅଗ୍ରୱାଲ, ପ୍ରମୋଦ ବେହେରା, ଫଂଟୁ ରଣା, ମିନ ବାଗ, ଛେଳିଆ ବରିହା, କୁବେର ଶଗରିଆ, ଭଗତ ବାଗ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ପରିଷଦରେ ଜଗଦୀଶ ସାହୁ, ଅମୃତଲାଲ ବନଛୋର, ବିଦ୍ୟାଧର ସାହୁ, ନିତ୍ୟା ପାଣ୍ଡେ, ବଳି ପ୍ରଧାନଙ୍କୁ ରଖାଯାଇଛି ।

## ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

ପାଇକମାଳ, ୩୧।୧(ବଡ ଶତପଥୀ)

ବରଗଡ ଜିଲା ନୃସିଂହନାଥ ମନ୍ଦିର ସଂସ୍କୃତି ଭବନରେ ପାଇକମାଳ ନୃସିଂହନାଥ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୧୨ଜଣ ବଟୁଙ୍କ ବ୍ରତୋପନୟନ କରାଯାଇଥିଲା। ମୁଖ୍ୟ ପଣ୍ଡିତ ସୁବଳ ପଣ୍ଡା, ରଙ୍କମଣୀ ଦେବତା, ଡିଗ୍ରୀ ଦେବତା ଓ ପ୍ରେମାନନ୍ଦ ଦେବତାଙ୍କ ସହ ୧୦ ଜଣ ପଣ୍ଡିତ ବ୍ରତ କାର୍ଯ୍ୟ ସମାପନ କରିଥିଲେ। ବ୍ରତ ପରେ ମହାପ୍ରଭୁ ନୃସିଂହନାଥଙ୍କୁ ସମସ୍ତ ବଟୁମାନେ ଦର୍ଶନ କରିଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରୀଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱ ଏବଂ ଗାୟତ୍ରୀ ବାହିନୀ, ପର୍ଶୁରାମ ବାହିନୀ, କର୍ମକାଣ୍ଡ ସଦସ୍ୟ ଓ ସମାଜର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବ୍ରତୋପନୟନ ପରେ ବ୍ରାହ୍ମଣ ଓ ଆୟୋଜକଙ୍କ ସହ ବଟୁମାନେ ।

## ଧାନବିକ୍ରି ସମସ୍ୟାକୁ ନେଇ ଉଦ୍‌ବେଗ

**ଜୟକିସାନ ଆନ୍ଦୋଳନର ବ୍ଲକସ୍ତରୀୟ ସମ୍ମିଳନୀ**

ସୋହେଲା, ୩୧।୧(ଅଶିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ କୁସୁର୍ଡା ଗ୍ରାମରେ ଜୟ କିସାନ ଆନ୍ଦୋଳନର ଏକ ବ୍ଲକସ୍ତରୀୟ ସମ୍ମିଳନୀ ବୃନ୍ଦାବନ ନାୟକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବ୍ଲକର ବିଭିନ୍ନ ଗାଁରୁ ସକ୍ରିୟ କୃଷକମାନେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଧାନବିକ୍ରି ସମସ୍ୟା, ବିଜୁଳି କାଟ୍ ଆଦି ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ସବୁ ସମସ୍ୟାକୁ ନେଇ ଫେବୃୟାରୀ ୨୧ତାରିଖରେ ସୋହେଲାଠାରେ କୃଷକ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବା ପାଇଁ ସର୍ବସମ୍ମତ୍ତ ନିଷ୍ପତ୍ତି ନିଆଯାଇଥିଲା। ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀଙ୍କୁ ବୋନସ ଟଙ୍କା ଦିଆଯାଉନାହିଁ। ଅନ୍ୟପଟେ ମଣ୍ଡିରେ ଦଲାଲ ଏବଂ ମିଲ୍ ମାଲିକଙ୍କ ରାଜତ୍ୱ ବୃଦ୍ଧି ଯୋଗୁ ଚାଷୀ ଧାନର ସର୍ବନିମ୍ନ ସହାୟକ ଦର ପାଇବାରୁ ବଞ୍ଚିତ ହେଉଛି। ୨୦୧୭ ମସିହାରେ ଓଡିଶା ବିଧାନସଭାରେ ସର୍ବଦଳୀୟ ଗୃହକମିଟିରେ ପ୍ରସ୍ତାବ ଗୃହୀତ ଧାନର କୁଇଣ୍ଟାଲ ପ୍ରତି ଦର ୨୯୩୦ ଟଙ୍କା ହେବା ଆବଶ୍ୟକ ବୋଲି ସଭାରେ ଦାବି କରାଯାଇଥିଲା। ସମ୍ମିଳନୀରେ ଜୟ କିସାନ ଆନ୍ଦୋଳନର ବରିଷ୍ଠ ନେତା ଶିବପ୍ରସାଦ ପ୍ରଧାନ, ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଯଶୋବନ୍ତ ନାୟକ, ପାରେଶ୍ୱର ସାହୁ, ଈଶ୍ୱର ନାଏକ, ବୁଲୁ ପ୍ରଧାନ, ଶିବ ବସି, ରାଜେଶ ନାୟକ, ଝସକେତନ ମହାମଲ୍ଲିକ ଅଂଶଗ୍ରହଣ କରିଥିଲେ। ନରେନ୍ଦ୍ର ମହାମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



କୁସୁର୍ଡା ଗ୍ରାମରେ ଚାଷୀଙ୍କ ସହ ଜୟ କିସାନ ଆନ୍ଦୋଳନ କର୍ମକର୍ତ୍ତା।

## ସଂକ୍ଷେପରେ

### ତିଲଡେଗା ସରକାରୀ ବିଦ୍ୟାଳୟରେ ଶତବାର୍ଷିକ ଜୟନ୍ତୀ

**ବାଲିଶଙ୍କରା, ୩୧।୧ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ତିଲଡେଗା ପଞ୍ଚାୟତ ତିଲଡେଗା ସରକାରୀ ଉ.ପ୍ରା. ବିଦ୍ୟାଳୟର ଶତବାର୍ଷିକ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନନ୍ଦ ମାଝିଙ୍କ ନେତୃତ୍ୱରେ ଚାଲିଥିବା ଏହି ଜୟନ୍ତୀରେ ବ୍ଲକ ଶିକ୍ଷାଧିକାରୀ ସରୋଜ ଲକ୍ଷ୍ମୀ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜାନକୀ ପଟେଲ, ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ତନିଷ୍ଠାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଦିବ୍ୟାଙ୍ଗମାନଙ୍କ ଭଜନ ସନ୍ଧ୍ୟା ଏବଂ ରାତିରେ ବରଗଡ଼ର କୃଷ୍ଣଗୁରୁ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ କାଞ୍ଚନ ବେହେରା, ବୁଲୁ ବାଗ, ଅର୍ଣ୍ଣପୂର୍ଣ୍ଣା ଗୟାନ, ଲକ୍ଷ୍ମୀପ୍ରିୟା ଭିତ୍ରିଆ, ସାଗରିକ ବଢ଼େଇ, ଅଲିଶା କୁଜୁର ସହାୟତା କରିଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଲହୁଣୀପଡ଼ା, ୩୧।୧ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୁଡାମଣି ସାହୁ ଯୋଗଦେଇଥିବାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନେତ୍ରାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ଛାତ୍ରୀଙ୍କୁ ଆତ୍ମରକ୍ଷା ଦିଗରେ ଗୁରୁତ୍ୱ ଦେବା ଉପରେ ପରାମର୍ଶ ଦେବା ସହିତ ଆତ୍ମରକ୍ଷା କୌଶଳ ଶିକ୍ଷାର ଉଦ୍ଦେଶ୍ୟ ଓ ଉପଯୋଗୀ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିମ ପ୍ରଶିକ୍ଷକ ଭାବେ ମୁନି ଓରାମ ଓ ବାସନ୍ତୀ ମାହାଲି ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିବା ବେଳେ ୧୦୨ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିବା ଜଣାପଡିଛି। ଏହି ତାଲିମ ଶିବିର ୮ଦିନ ଧରି ଚାଲିଥିଲା। ଅଧ୍ୟାପିକା ମମତା ମାହାନ୍ତ, କଲ୍ୟାଣି ମେହେର, ରସିଦା ଖାତୁନଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।

### ନୂଆ-ଓ ଓଡ଼ିଆ ସାହିତ୍ୟ ଆଲୋଚନା, ଉଦ୍‌ଯାପନୀ ଉତ୍ସବ

ହେମଗିର, ୩୧।୧ (ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଗଡତୁମୁଲିଆ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ର ଓଡ଼ିଆ ସାହିତ୍ୟ ଆଲୋଚନା ଚକ୍ର ଓ ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଭେଷଜ ପଟେଲ ମହାବିଦ୍ୟାଳୟର ଅଧ୍ୟାପିକା ମିନତୀ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିବପ୍ରିୟା ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ବ୍ୟାସଦେବ ପଣ୍ଡା ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ପରେ ନୂଆ ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗଡତୁମୁଲିଆ ପଞ୍ଚାୟତ ସରପଞ୍ଚ ଶେଷବତୀ ପ୍ରଧାନ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଉଦିତ ସେଠ, ନାଏବ ସରପଞ୍ଚ ଗୋବର୍ଦ୍ଧନ ପସାଏତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ସାହୁ ଯୋଗଦେଇ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର, ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇ ଥିଲା। ମହାବିଦ୍ୟାଳୟ ଅଧ୍ୟାପିକା ଡ.ତପସ୍ୱିନୀ ନନ୍ଦ, ଧରିତ୍ରୀ ମିଶ୍ର, ଆରତୀ ବେହେରା, ଅଧ୍ୟାପକ ସୁବ୍ରତ କୁମାର ସେଠୀ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୂଚନା କେନ୍ଦ୍ର, ପାଠାଗାରରେ ଝୁଲୁଛି ତାଲା

■ ସମସ୍ୟା ଭୋଗୁଛନ୍ତି ପାଠିକାପାଠକ
■ ତୁରନ୍ତ କାର୍ଯ୍ୟକ୍ଷମ ଦାବି

**ସୁନ୍ଦରଗଡ, ୩୧।୧ (ଜୟ ନାରାୟଣ ମେଣ୍ଟୁଲି)**


ସୁନ୍ଦରଗଡ ଜିଲା ସଦର ମହକୁମାରେ ଥିବା ସୂଚନା କେନ୍ଦ୍ର ଓ ପାଠାଗାରରେ ତାଲା ଝୁଲୁଛି।

ସୁନ୍ଦରଗଡ ଜିଲା ସଦର ମହକୁମାରେ ଥିବା ସୂଚନା କେନ୍ଦ୍ର ଓ ପାଠାଗାର କର୍ମଚାରୀ ଅଭାବରୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ରହିଛି। ଏନେଇ ପାଠିକା ପାଠକ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ଏହି ପାଠାଗାରଟି ଜଣେ ଲାଇବ୍ରେରୀଆନଙ୍କ ବଦଳରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଥିଲା। ହେଲେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ପରେ ସେହି ସ୍ଥାନରେ ପାଠାଗାର ଦାୟିତ୍ୱରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଆଯାଇଥିଲା। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଜଣଙ୍କୁ ପାଠାଗାର ଲାଇବ୍ରେରୀଆନ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୨୦୨୨ନଭେମ୍ବରରେ ତାଙ୍କୁ ଛଟେଇ କରାଯାଇଥିଲା। ସେହିଦିନଠାରୁ ପାଠାଗାରରେ ତାଲା ଝୁଲୁଛି। ଫଳରେ ପାଠିକାପାଠକ ବୌଦ୍ଧିକ ଜ୍ଞାନ ଆହରଣରୁ ବଞ୍ଚିତ ହେଉଛନ୍ତି। ତତ୍କାଳୀନ ଜିଲାପାଳ ନିଖିଳ ପବନ କଲ୍ୟାଣ ଜିଲାରେ ବହିପଢ ଅଭିଯାନ ମାଧ୍ୟମରେ ପାଠାଗାରକୁ ଗୁରୁତ୍ୱ ଦେଇ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏହାର ନବୀକରଣ କରିଥିଲେ। ଏଥିସହ ଜିଲାପାଳଙ୍କ ବାସଭବନରେ ବହିବଗିଚା ଖୋଲାଯାଇ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକଙ୍କୁ ବହି ପଢିବାର ସୁଯୋଗ ଦିଆ ଯାଇଥିଲା। ଏପରିକି ପ୍ରତ୍ୟେକ ବ୍ଲକରେ ମଧ୍ୟ ପାଠାଗାର ଖୋଲା ଯାଇଥିଲା। ମାତ୍ର ସେ ସବୁ ବନ୍ଦ ହୋଇ ଯାଇଥିଲା ବେଳେ ଜିଲା ସଦରମହକୁମାରେ ଥିବା ଏହି ସୂଚନା କେନ୍ଦ୍ର ଓ ପାଠାଗାରଟି କର୍ମଚାରୀ ଅଭାବରୁ ବନ୍ଦ ହୋଇଛି ପଡିରହିଛି। ଏହାକୁ ଯଥାଶୀଘ୍ର ଖୋଲା ଯିବାକୁ ସାଧାରଣରେ ହେଉଛି।

# ଖାଦ୍ୟ ସୁରକ୍ଷା, ତମାଖୁ ନିୟନ୍ତ୍ରଣ ବିଭାଗର ଚଢ଼ାଉ


ଖାଦ୍ୟ ସୁରକ୍ଷା ଓ ତମାଖୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

**ବଡ଼ଗାଁ, ୩୧।୧ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଓ ତୁଡାଲଗା ବସ୍‌ଷ୍ଟାଣ୍ଡଠାରେ ଥିବା କେତେକ ଦୋକାନରେ ଖାଦ୍ୟ ସୁରକ୍ଷା ଓ ତମାଖୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି। ଦୋକାନୀଙ୍କୁ ତମ୍ବାଖୁ, ଗୁଟଖା ବିକ୍ରି ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଚଢ଼ାଉରେ ସୁନ୍ଦରଗଡ ଖାଦ୍ୟ ସୁରକ୍ଷା ନିରୀକ୍ଷକ ପ୍ରତାପ ରୁଦ୍ର ମଣ୍ଡଳ, ତମ୍ବାଖୁ ନିୟନ୍ତ୍ରଣ ବିଭାଗ ପରାମର୍ଶଦାତା ସ୍ୱପ୍ନଜିତ ମହାନ୍ତି, ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଶ୍ୟାମଲାଲ ଓରାମ, ଏଏସଆଇ ଶ୍ରୀକାନ୍ତ ପଣ୍ଡା, ଗୋପୀନାଥ ଓଝା, ଅରୂପା ନନ୍ଦ ଦାସ ସାମିଲ ଥିଲେ। ହୋଟେଲ ଗୁଡ଼ିକରେ ଖାଦ୍ୟରମାନ ନିରୂପଣ କରି ଓ ପାନ ଦୋକାନରୁ ତମ୍ବାଖୁ, ଗୁଟଖା ଜବତ କରି ୫୧୫୬ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।


ସଶକ୍ତ ଓଡ଼ିଶା ସାଥୀ ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ ଓ କଳାକାର।

# ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ

**କୁଆଁରମୁଣ୍ଡା, ୩୧।୧ (ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକରେ ପାନପୋଷ ଆଇଟିଡିଏ ଆନୁକୂଲ୍ୟରେ ବୁଧବାର ସଶକ୍ତ ଓଡ଼ିଶା ସାଥୀ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜନଜାତି ସମ୍ପ୍ରଦାୟର ପ୍ରଗତି ନିମନ୍ତେ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ବିଷୟରେ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଉପସ୍ଥିତ ଜନଜାତି ସମ୍ପ୍ରଦାୟକୁ ବିଶଦଭାବେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲାପରିଷଦ ସଭ୍ୟ ନେଭିଲ କେରକେଟା, ଏଡିଡବ୍ଲ୍ୟୁଓ ଅମିୟ ସୁଚିତା ତିର୍କୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଉପରୋକ୍ତ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜାତି ଜନଜାତି ବର୍ଗର ୨୫ଜଣ ବ୍ୟକ୍ତି ବିଶେଷ ଓ ୨୦ଟି ଗୋଷ୍ଠୀକୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜନଜାତି ସମ୍ପ୍ରଦାୟ ଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଇତ୍ୟାଦି ଉପସ୍ଥିତ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଏହି ଶିବିରରେ ପାନପୋଷ ଜାତି ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପରମାନନ୍ଦ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଏହି ଶିବିରକୁ କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଢ଼େକ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ ସଞ୍ଚାଳନ କରିଥିଲେ।

### ସଶକ୍ତ ଓଡ଼ିଶା, ବିକଶିତ ଓଡ଼ିଶା ଶିବିର

**ବାଲିଶଙ୍କରା, ୩୧।୧ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଶକ୍ତ ଓଡ଼ିଶା, ବିକଶିତ ଓଡ଼ିଶା ଶିବିର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା, ଜନଜାତିଙ୍କ ସଂସ୍କୃତିର ପ୍ରଗତି ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସୁନ୍ଦରଗଡ଼ ଆଇଟିଡିଏର ପିଏ ଧୀରେନ୍ଦ୍ର ସେଠ, ଆଇଟିଡିଏର ଏଡିଡବ୍ଲ୍ୟୁଓ ଦମୟନ୍ତୀ ନାଏକ, ଏବିଡିଓ ଚନ୍ଦନ ନିଖଣ୍ଡିଆ, ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ଜିଲା ପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା, ସୁଜାତା ମାଝି, ଜୟରାମ ପଧାନ, ସୁନୀଲ ପଟେଲ ପ୍ରମୁଖ ଯୋଗଦେଇଥିଲେ। ସୁରଜ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# କୋଶଳ ସମାଜର ସ୍ମାରକପତ୍ର ପ୍ରଦାନ



କୋଶଳ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଜଗାଙ୍ଗପୁର, ୩୧।୧ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ବୁଧବାର କୋଶଳ ସମାଜର ମହାସଚିବ ଦିଲ୍ଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡିଶାର ରାଜ୍ୟପାଳଙ୍କୁ ଏକ ୧୪ ଦଫା ଦାବି ବିଶିଷ୍ଟ ଦାବିପତ୍ର ରାଜଗାଙ୍ଗପୁର ତହସିଲଦାର ଓ ବିଡିଓଙ୍କ ଜରିଆରେ ପ୍ରେରଣ କରାଯାଇଛି। ଏହି ଅବସରରେ କୋଶଳ ସମାଜର ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ।

# ଉତ୍ତର ଉତ୍କଳ ତୈଳିକ ସମାଜର ନୂଆବର୍ଷ ଭେଟଘାଟ କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୩୧।୧ (ଜୟ ନାରାୟଣ ମେଣ୍ଟୁଲୀ)**

ଉତ୍ତର ଉତ୍କଳ ତୈଳିକ ସମାଜର ସୁନ୍ଦରଗଡ ଜିଲା ଗଡଗଡବାହାଲ ଗ୍ରୁପର ନୂଆବର୍ଷ ଭେଟଘାଟ କାର୍ଯ୍ୟକ୍ରମ କୁରୁଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମାଜର ଇଷ୍ଟ ଦେବତା ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇ ସାମାଜିକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗ୍ରୁପ ସଭାପତି ହୃଦାନନ୍ଦ ଦାନୀ, ସମ୍ପାଦକ ପଞ୍ଚାନନ ପୃଷେଟ, ଉପ ସଭାପତି ସନାତନ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ ସ୍ତରରେ କିଭଳି ଭାବେ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରାଯାଇପାରିବ ଏବଂ ସମସ୍ତଙ୍କ ଉନ୍ନତି ସାଧନ ହେବ ସେନେଇ ଆଲୋଚନା ହୋଇଥିଲା। ସଭା କାର୍ଯ୍ୟକୁ ଡ. ଲବଣୀଧର ଦାନୀ ପରିଚାଳନା କରିଥିଲେ। ଏହି ସମାବେଶକୁ ସମାଜର ଶରତଚନ୍ଦ୍ର ସା, ସତ୍ୟ ନାରାୟଣ ନାଏକ, ସରୋଜ କୁମାର ନାଏକ, ଏକଲବ୍ୟ ସାହୁ, ନରେନ୍ଦ୍ର ସାହୁ, ଲଳିତ ସା ଆୟୋଜନ କରିଥିବା ବେଳେ ନିମାଇଁ ଚରଣ ଦାନୀ, ଡିଲେଶ୍ୱର ସା, ପ୍ରତାପ କୁମାର ଦାନୀ, ଡିଲେଶ୍ୱର ନାଏକ, ଶିବ ଶଙ୍କର ବେହେରା, ଛବିଳ ସାହୁ, ଦିନବନ୍ଧୁ ବେହେରା, ଜୟକୃଷ୍ଣ ସାହୁ, ଦୟାନନ୍ଦ ବେହେରା, ହରିଶଙ୍କର ବେହେରା, ବିରଞ୍ଚିନାରାୟଣ ସାହୁ ପ୍ରମୁଖଙ୍କ ସମେତ ବହୁସଦସ୍ୟ ଯୋଗ ଦେଇଥିଲେ। ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ହେମଗିର ରେଞ୍ଜରେ ବୁଲୁଛି ସଚେତନତା ରଥ

**ହେମଗିର, ୩୧।୧ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ରେଞ୍ଜରେ ବୁଲୁଛି ଜଙ୍ଗଲରେ ନିଆଁ ନ ଲଗାଇବା ପାଇ ସଚେତନତା ରଥ। ଏହି ରଥ ବିଭିନ୍ନ ଗାଁ ବୁଲି ଜଙ୍ଗଲରେ ନିଆଁ ନ ଲଗାଇବା ପାଇ ସଚେତନତା ସୃଷ୍ଟି କରିବା ସହିତ ଏହା ଦ୍ୱାରା କ'ଣ କ୍ଷତି ହେଉଛି ସେ ବିଷୟରେ ଅବଗତ କରାଉଛି। ରେଞ୍ଜର ପ୍ରକାଶ ଚନ୍ଦ୍ର ନାଏକ, ଫରେଷ୍ଟର ସଞ୍ଜୟ କୁମାର ନାଏକ, ରାଜିବ ଲୋଚନ ପଟେଲ, ସାନିକା ଟପ୍ପୋ, ସନ୍ଧ୍ୟା ନାଏକ ପ୍ରମୁଖ ଏହି ସଚେତନତା ରଥର ପରିଚାଳନା କରୁଛନ୍ତି।

# ବେଆଇନ ମାଟି ଖନନ ଉପରେ ଖଣି ବିଭାଗର ସମୀକ୍ଷା

**ବନ୍ଧମୁଣ୍ଡା, ୩୧।୧ (ସୁବ୍ରତ ଦେ)**

ବନ୍ଧମୁଣ୍ଡାଠାରେ ରେଳବାଇ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବେଆଇନ ମାଟି ଖନନ ହେଉଥିବା ଅଭିଯୋଗ ପାଇବା ପରେ ସ୍ଥାନୀୟ ରେଳବାଇ ପରିସରରେ ରାଉରକେଲା ଖଣି ବିଭାଗର ଦଳ ବୁଧବାର ସମୀକ୍ଷା କରିଥିଲେ। ସଂପୃକ୍ତ କଣ୍ଟ୍ରାକ୍ଟର ଦ୍ୱାରା ଖନନ କରାଯାଇଥିବା ମାଟିର ପରିମାଣକୁ ଦଳର ଅଧିକାରୀମାନେ ଆକଳନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ନିକଟରେ ସ୍ଥାନୀୟ ବିସ୍ଥାପନ କମିଟି ଦ୍ୱାରା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା ଯେ, ରେଳବାଇର ସମସ୍ତ ନିର୍ମାଣ କାର୍ଯ୍ୟରେ କଣ୍ଟ୍ରାକ୍ଟର ସେହି ଜମିରୁ ମାଟି ଖନନ କରୁଛି। ଯେଉଁ ଜମିରେ ଡିସପ୍ଲେସ କମିଟି ଦ୍ୱାରା ମାମଲା ରଜୁ କରାଯାଇଛି। ଏପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇନାହିଁ। ଏଭଳି ପରିସ୍ଥିତିରେ ଠିକାଦାରଙ୍କ ଦ୍ୱାରା ମାଟି ଖୋଳିବାକୁ ଅଞ୍ଚଳର ସମସ୍ତ ଲୋକ ବିରୋଧ କରିଛନ୍ତି ଏବଂ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ ଜିଲା ପ୍ରଶାସନଙ୍କ ଦ୍ୱାରା ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ବିକ୍ଷୋଭ ପାଇଁ ଜିଲା ସରପଞ୍ଚ ସଂଘର ପ୍ରସ୍ତୁତି ବୈଠକ

**ବଡ଼ଗାଁ, ୩୧।୧ (ଅଶୋକ ଷଡ଼ଙ୍ଗୀ)**

ରାଜ୍ୟ ସରପଞ୍ଚ ସଂଘ ୧୪ ଦଫା ଦାବି ରାଜ୍ୟ ସରକାରଙ୍କ ଠାରେ ଉପସ୍ଥାପନ କରିଥିଲା। ହେଲେ ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ସମସ୍ତ ଜିଲାରେ ସରପଞ୍ଚ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଡିସେମ୍ବର ୩୧ ସୁଦ୍ଧା ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତଥାପି ଦାବି ପୂରଣ କଲେନାହିଁ। ରାଜ୍ୟ ସରପଞ୍ଚ ସଂଘର ଆହ୍ୱାନ କ୍ରମେ ସମସ୍ତ ସରପଞ୍ଚ ଆସନ୍ତା ୫ରେ ଲୋୟର ପିଏମଜି ଠାରେ ବିକ୍ଷୋଭ ଓ ରାଲି କରି ରାଜ୍ୟପାଳଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନକୁ ସଫଳ କରିବା ଉଦ୍ଦେଶ୍ୟରେ ବୁଧବାର ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ଜିଲା ସରପଞ୍ଚ ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଜିଲା ସଭାପତି ଉଗ୍ରସେନ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଘର ଉପ ସଭାପତି ଅଜିତ ତିର୍କୀ, ଭୁବନ କୁଜୁର, ସମ୍ପାଦକ ତ୍ରିଲୋଚନ ପ୍ରଧାନ, କୋଷାଧ୍ୟକ୍ଷ ବିନୟ ବାର୍ଲା, ବଡ଼ଗାଁ ବ୍ଲକ ସଂଘ ସଭାପତି ଯୋଗୀନ୍ଦ୍ର କିଷାନ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ହାହା, ସୁଦୀପ ବାଡା, ନୂଆଗାଁ ବ୍ଲକ ସଭାପତି ମାଇକେଲ ମିଞ୍ଜ, ରାଜଗାଙ୍ଗପୁର ବ୍ଲକ ସାଧାରଣ ସମ୍ପାଦକ ଲଳିତ ଲାକ୍ରା, ବାଲିଶଙ୍କରା ବ୍ଲକ ସଭାପତି ଦେବଲାଲ ଲାକ୍ରା, ଲେଫ୍ରିପଡା ବ୍ଲକ ସଭାପତି ହିମତୁସ କୁଜୁର, ହେମଗିର ବ୍ଲକ୍ ସଭାପତି କୃଷ୍ଣ ମାଝିଙ୍କ ସହିତ ସମସ୍ତ ବ୍ଲକର ସରପଞ୍ଚ ସଂଘ କର୍ମକର୍ତ୍ତା ଯୋଗଦେଇ ଆଲୋଚନା କରିଥିଲେ। ରାଜ୍ୟ ସରକାର ଦାବି ପୂରଣ କରୁ ନ ଥିବା ଓ ବ୍ଲକ୍ ଗୁଡିକରେ ପ୍ରଶାସନିକ ଅଧିକାରୀମାନେ ସରପଞ୍ଚଙ୍କୁ କିପରି ଅଣଦେଖା କରୁଛନ୍ତି ସେ ନେଇ ସରପଞ୍ଚମାନେ ଅଭିଯୋଗ ଉଠାଇଥିଲେ। ଆସନ୍ତା ୫ରେ ବିକ୍ଷୋଭ ଓ ରାଲିରେ ଯୋଗଦେବାକୁ ନେଇ ଆଲୋଚନା ହୋଇ ସହମତି ପ୍ରକାଶ ପାଇଥିଲା।

# ୭ଦଫା ଦାବିରେ ଆଦିବାସୀ ଏକତା ମଞ୍ଚର ତହସିଲ ଘେରାଉ



ଆଦିବାସୀ ଏକତା ମଞ୍ଚ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ହେମଗିର, ୩୧।୧ (ଚୈତନ୍ୟ ପଟେଲ)**

ହେମଗିର ଆଦିବାସୀ ଏକତା ମଞ୍ଚ ପକ୍ଷରୁ ୭ ଦଫା ଦାବି ନେଇ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରଙ୍ଗିଆଡିପାଠାରୁ ଏକ ବିଶାଳ ରାଲି ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ହେଲା ଦାଖଲ ଫର୍ମ ଗୁଡ଼ିକର ତୁରନ୍ତ ବିଚାର କରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜମି ଅଗ୍ରହଣ ଆଇନ ସଂଶୋଧନ ବିଲ ପ୍ରତ୍ୟାହାର, ସୁନ୍ଦରଗଡ଼ ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ପେସା ଆଇନର କାର୍ଯ୍ୟକାରୀ କରି ପ୍ରତି ଗ୍ରାମ ଓ ପଡ଼ାରେ ଗ୍ରାମସଭା ଗଠନ ଓ ଗ୍ରାମ ସଭାକୁ ସର୍ବୋଚ୍ଚ କ୍ଷମତା ପ୍ରଦାନ, ଆର୍‌ଏନଡିଏମ ପତ୍ର ଅନୁସାରେ ଆଦିବାସୀ ବିସ୍ଥାପିତଙ୍କୁ ଜଳସେଚିତ ଜମି ୨ ଏକର ଓ ଅଣ ଜଳସେଚିତ ଜମି ୫ ଏକର ନିଶ୍ଚିତ କରିବା। ଏହି ଅବସରରେ ଆଦିବାସୀ ଏକତା ମଞ୍ଚର ସଭାପତି ରାଜେନ୍ଦ୍ର ନାଏକ, ରାଧେଶ୍ୟାମ ଗରଡିଆ, ସୁକଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ ଆସିଲାନି, ପୁରୀ ଯିବା ଅଧୁରା ରହିଲା

**ସୋନପୁର,୩୧।୧(ମୃତ୍ୟୁଞ୍ଜୟ ଶତପଥୀ)**

### ଅବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ଭକ୍ତଙ୍କ ପାଇଁ ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରୁ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଶ୍ରଦ୍ଧାଳୁମାନେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ ଯୋଗେ ପୁରୀ ଯାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ଜିଲାପାଳ ଅନ୍ୟା ଦାସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ତେବେ ଆବଶ୍ୟକ ସଂଖ୍ୟକ ବସ୍ ନ ଆସିବାରୁ ଶତାଧିକ ଶ୍ରଦ୍ଧାଳୁ ପୁରୀ ଯାଇ ନ ପାରି ଘରକୁ ଫେରିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ସହରରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ୧୦୯ ପଞ୍ଚାୟତରୁ ୨୦ଜଣ ଲେଖାଏ ଓ ସୁବର୍ଣ୍ଣପୁର, ବିନିକା ଏବଂ ତରଭା ସହରର ପ୍ରତ୍ୟେକ ୱାର୍ଡରୁ ୨୦ଜଣ ଲେଖାଏ ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା। ଆଞ୍ଚଳିକ ପରିବହନ ବିଭାଗ ଜରିଆରେ ବରଗଡ ଓ ବଲାଙ୍ଗୀର ଜିଲାରୁ ୭୬ଟି ଯାତ୍ରୀବାହୀ ବସ ମଗାଯାଇଥିଲା। କିଛି ସ୍ଥାନରେ ପୁରୁଣା ବସ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରଦ୍ଧାଳୁ ଚୟନରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ନିର୍ବାଚିତ ଲୋକ ପ୍ରତିନିଧିମାନେ ନିଜ ନିଜର ସମର୍ଥକଙ୍କୁ ପୁରୀ ନେବାରେ ସକ୍ଷମ ହୋଇଛନ୍ତି। ତେବେ ଆବଶ୍ୟକ ସଂଖ୍ୟକ ବସ୍ ନ ଆସିବାରୁ ସୁବର୍ଣ୍ଣପୁର ସହରର ୧୦, ୧୧ ଓ ୧୩ ନମ୍ବର ୱାର୍ଡର ଜଣେ ବି ଶ୍ରଦ୍ଧାଳୁ ଯାଇ ପାରି ନ ଥିଲେ। ସେହିପରି ୧୪ ନମ୍ବର ୱାର୍ଡର ୧୦ ଜଣ ଶ୍ରଦ୍ଧାଳୁ ଯାଇଥିବା ବେଳେ ଅନ୍ୟ ୧୦ଜଣ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ସହର ର ଥନାପତିପଡାର ଗୋପୀନାଥ ମଲ୍ଲିକ(୭୦) କୁହନ୍ତି ତାଙ୍କୁ ପୁରୀ ଯିବା ପାଇଁ କୁହା ଯାଇଥିଲା। ସେ ବସ୍‌ରେ ଯିବା ପାଇଁ ଅପେକ୍ଷା କରି ରହିଥିଲେ। ମାତ୍ର ବସ ନ ଥିବାରୁ ସେ ଘରକୁ ଫେରିଥିଲେ। ପଡାର ବିଜୟ ଥପ୍ପାଙ୍କ ସମେତ ଅନ୍ୟ ୩ଟି ୱାର୍ଡର ୬୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ସମାନ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଏହାପରଠୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସୁଖଦ ଅନୁଭୂତି ନେବା ସହ ଆନନ୍ଦ ଲାଭ କରୁଛନ୍ତି। ଏହି ପ୍ରକଳ୍ପର ସୁନ୍ଦର ଅନୁଭବ ଦେବା ପାଇଁ ରାଜ୍ୟ ସରକାର ରାଜ୍ୟର ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି।

# ଲୁକ୍କାୟିତ ଐତିହ୍ୟ ଲୋକଲୋଚନକୁ ଅଣାଯାଇପାରିବ



ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି।

**ବୌଦ୍ଧ,୩୧।୧ (ଅଜିତ କୁମାର ବାରିକ)**

### ହରଭଙ୍ଗା ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ଗତ ଶନିବାରଠାରୁ ୫ ଦିନ ଧରି ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ନେଇ ହରଭଙ୍ଗାଠାରେ ଚାଲିଥିବା ଦ୍ୱିତୀୟ ହରଭଙ୍ଗା ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳା ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଦ୍ୱିତୀୟ ଥର ପାଇଁ ହରଭଙ୍ଗା ମାଟିରେ ମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଲୋକକଳା ଓ ସାଂସ୍କୃତିକ ପରିଷଦର ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ, ଅବସରପ୍ରାପ୍ତ ଅଧକ୍ଷ ପ୍ରିୟନାଥ ଶର୍ମା, ଶଙ୍କୁଲୋଇ ସରପଞ୍ଚ ସୁସ୍ମିତା ଛନ୍ଦ, ସମିତିସଭ୍ୟା ରଶ୍ମିତା ମହାକୁଡ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା . ମହୋତ୍ସବ କମିଟି ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ସମ୍ପାଦକ ସରୋଜ କୁମାର ଭୋକ୍ତା ମଞ୍ଚାସୀନ ଥିଲେ। ଅତିଥିମାନେ ହରଭଙ୍ଗାର ଲୁକ୍କାୟିତ ଐତିହ୍ୟକୁ ଏହି ମହୋତ୍ସବ ଦ୍ୱାରା ଲୋକଲୋଚନକୁ ଅଣାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ମହୋତ୍ସବର ସଫଳତା ପାଇଁ ହରଭଙ୍ଗା ଥାନା ଅଧିକାରୀ, ହରଭଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ,ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ବିଭାଗ, ସାମ୍ବାଦିକ, ପୋଷ୍ଟ ମାଷ୍ଟର , ଲାଇଟ ଆଣ୍ଡ ସାଉଣ୍ଡ, କଲେଜ ଛାତ୍ରୀଛାତ୍ର, ଡ୍ରାଇଭର ମହାସଂଘ, ୩ଜଣ ସ୍ୱେଚ୍ଛାସେବୀ, ଫୁଲବାଣୀ ଡ୍ୟାନ୍ସ ଏକାଡେମୀ, ସ୍ୱୟଂ ସହାୟକ ଦଳ ଏବଂ ଗ୍ରାମର ମୁଖିଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି କୋଷାଧ୍ୟକ୍ଷ ପ୍ରମୋଦ ଖମାରୀ, ପ୍ରକାଶ ବେହେରା, ମାନଭଞ୍ଜନ ନାୟକ, ନଟବର ପ୍ରଧାନ, ପ୍ରୀତିରଞ୍ଜନ ଦାସ, ବବଲୁ ଖଡିରନ୍ତ, ଶ୍ରୀନିବାସ ସାହୁ, ଲିଙ୍କନ ପଲ୍ଲିଆ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳକ ସହ ୪ ଗିରଫ

**ବିନିକା,୩୧।୧(ରାମ ଗୋପାଳ ବାଘ)**



ବିନିକା ଥାନାରେ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ।

### ଡକାୟତି ଘଟଣାର ପର୍ଦ୍ଦାଫାଶ

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ବିନିକା ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲାର ନୂତନ ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ୍ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୨ତାରିଖ ସନ୍ଧ୍ୟାରେ ମଣିଙ୍ଗା ଦେଶୀଭାଟିରୁ କାମ ସାରି କୁନ୍ଦନ କୁମାର(୨୩) ୨୨ହଜାର ଟଙ୍କା ଧରି ସାଇକେଲ ଯୋଗେ ବିନିକା ପଟକୁ ଆସୁଥିଲେ । ତେବେ ସିନ୍ଦୁରପୁର ଗଣେଶପୁର ରାସ୍ତାରେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଧମକ ଚମକ ଦେଇ ଟଙ୍କା ଲୁଟି ନେଇ ଫେରାର ମାରିଥିଲେ। କୁନ୍ଦନ ଏହି ଘଟଣାରେ ବିଶାଳ ପାଲି ଗ୍ରାମର ଗୋପାଳ କିଶୋର ଛତ୍ର(୩୨)ଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ ୨୫, ଆଇପିସି ୩୯୪, ୩୪ ଧାରାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋପାଳଙ୍କୁ ଧରିଥିଲେ । ତାଙ୍କ ଠାରୁ ସୂଚନାପାଇ ଅନ୍ୟ ଅଭିଯୁକ୍ତ ଫୁଲମୁଠି ଗ୍ରାମର ସୁନିଲ ଛତ୍ରିଆ(୨୫), ଡଭଲା ଗ୍ରାମର ଯୋଗେଶ ସୁନା(୩୦),ଗୋପାଳ ଏବଂ ଜଣେ ନାବାଳକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତ ନାବାଳକଙ୍କୁ ଶୀଘ୍ର ଧରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୧୧ହଜାର ୪୫୦ ଟଙ୍କା, ଦୁଇଟି ମୋଟର ସାଇକଲ ଜବତ କରାଯାଇଛି। ଖବରଦାତା ସମ୍ମିଳନୀ ରେ ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ, ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କୁ ଏସ୍‌ପି ଶ୍ରୀମାଲ୍ ପ୍ରଶଂସା କରିଥିଲେ ।

# ସାହ୍ଲେପାଲି ଚାଷୀମୃତ୍ୟୁ ଘଟଣା: ଥାନାରେ ୨ମାମଲା ରୁଜୁ

**ଭେଡ଼େନ,୨୮।୧(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ସାହ୍ଲେପାଲି ଚାଷୀମୃତ୍ୟୁ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଏହି ଘଟଣାକୁ ନେଇ ପୋଲିସ ପୃଥକ ୨ମାମଲା ରୁଜୁ କରିଛି । ମୃତଚାଷୀ ସାଧୁ ସାହୁଙ୍କ ପୁଅ ଆଶିଷଙ୍କ ଏତଲାକ୍ରମେ ଗ୍ରାମର ସୁନାଧର ସାହୁ ଏବଂ ଶିଶିର ପ୍ରଧାନଙ୍କ ବିରୋଧରେ ଏକ ହତ୍ୟା ମାମଲା (ନଂ.୨୩/୨୦୨୪) ରୁଜୁ ହୋଇଛି । ଅନ୍ୟପଟେ ସୁନାଧରଙ୍କ ସ୍ତ୍ରୀ ମାଳତୀଙ୍କ ଏତଲାକୁ ଭିତ୍ତିକରି ଟ୍ରାକ୍ଟର ବ୍ୟାଟେରୀ ଚୋରି, ଗାଡ଼ି ଭଙ୍ଗାରୁଜା, ହତ୍ୟା ଧମକ ଅଭିଯୋଗରେ ପୋଲିସ ଗ୍ରାମର ୫୦ଜଣଙ୍କ ବିରୋଧରେ ଏକ ମାମଲା(ନଂ.୨୫।୨୦୨୪) ରୁଜୁ କରିଛି। ତେବେ ଉପରୋକ୍ତ ଉଭୟ ମାମଲାରେ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରି ନାହିଁ ।

ପ୍ରକାଶଥାଉକି, ଗତ ସୋମବାର ରାତିରେ ଚାଷୀ ସାଧୁଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୀମସାର, ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସୁନାଧର ଏବଂ ଶିଶିର କରଜ ଟଙ୍କା ଅସୁଲି ଉଦ୍ଦେଶ୍ୟରେ ମୃତଚାଷୀଙ୍କୁ ଗାଡ଼ିରେ ନେଇ ଯାଇଥିଲେ ଏବଂ ତାଙ୍କୁ ବିଷ ପିଆଇ ହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସୁନାଧର, ଶିଶିରଙ୍କୁ ଗିରଫ ଦାବି ନେଇ ମଙ୍ଗଳବାର ଥାନା ସମ୍ମୁଖରେ ଶବ ରଖି ଗ୍ରାମବାସୀ, ପରିବାର ଲୋକେ ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ବିଳମ୍ବିତ ରାତିରେ ଶବ ନେଇ ଗ୍ରାମକୁ ଯାଇଥିଲେ ।

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ମତୁଆଲା



ସମ୍ବଲପୁରୀ ନୃତ୍ୟ ପରିବେଷିତ ହେଉଛି।

**ବୌଦ୍ଧ/ବାଉଁଶୁଣୀ,୩୧।୧(ଅଜିତ କୁମାର ବାରିକ/ ଦେବାଶିଷ ନେପାକ)**

### ଗନ୍ଧରାଡ଼ୀ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଡ଼ୀ ପୀଠଠାରେ ଗତ ରବିବାରଠାରୁ ଚାଲିଥିବା ତୃତୀୟ ଗନ୍ଧରାଡ଼ୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଥିଲା ଚତୁର୍ଥ ଦିବସ । ସନ୍ଧ୍ୟାରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅରୁଣ କୁମାର ପ୍ରଧାନ ଓ କମିଟି ସମ୍ପାଦକ ଶମ୍ଭୁ ଗିରି ମଞ୍ଚାସୀନ ଥିଲେ । ଅତିଥିମାନେ ଗନ୍ଧରାଡ଼ୀ ଏକ ପ୍ରାଚୀନ ପୀଠ ବୋଲି କହିବା ସହ ଅଞ୍ଚଳର କଳା ସଂସ୍କୃତି ନିଆରା ବୋଲି ମତବ୍ୟକ୍ତ କରିଥିଲେ। ଗନ୍ଧରାଡ଼ୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ପ୍ରଣାମ ଅନୁଷ୍ଠାନ ବୌଦ୍ଧ, ସୁନ୍ଦରଗଡର ମା' ସିଂହବାଲି, ଜଟଣୀର ନୁପୁର ନୃତ୍ୟ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ । ମଞ୍ଚରେ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର ହୋଇ ପଡିଥିଲେ । ସାଂସ୍କୃତିକ ମଞ୍ଚକୁ ଜଗନ୍ନାଥ ସାହୁ ଓ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ।

# ଦେବଦର୍ହା ଶୈବପୀଠ ଉନ୍ନୟନ କାମ ସମୀକ୍ଷା କଲେ ଏଡିଏମ୍

**ପଦ୍ମପୁର, ୩୧।୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅତିରିକ୍ତ ଜିଲାପାଳ କୁଣାଳ ଚୌହାନ ଚର୍ଦାପାଲି ଗ୍ରାମ ପଞ୍ଚାୟତ ଦେବଦର୍ହା ଶୈବପୀଠର ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ପର୍ଯ୍ୟଟନ ବିକାଶରେ ସରକାର ଦେବଦର୍ହାଠାରେ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ବଣଭୋଜି ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ପରିବେଶକୁ ସଫା କରୁ ନ ଥିବାରୁ ଅତିରିକ୍ତ ଜିଲାପାଳ ଚୌହାନ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ନିଜେ କେତେକ ସ୍ୱେଚ୍ଛାସେବୀ ସହ ପରିସରକୁ ସ୍ୱଚ୍ଛ କରିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ। ପରେ ଚଙ୍ଗରିଆଠାରେ ଚୌହାନ ନିର୍ମିତ ମୁଖ୍ୟମନ୍ତ୍ରୀ ସଭାଗୃହ, କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଡିଓ ପ୍ରଫୁଲ୍ଲ ଉତ୍ତୁ, ସରପଞ୍ଚ ଉପାସୀ ନାଏକ, ସହକାରୀ ଯନ୍ତ୍ରୀ ସଞ୍ଜୟ ରଥ, କନିଷ୍ଠ ଯନ୍ତ୍ରୀ ବିଶଦ ପଟେଲ, ସାମାଜିକ କର୍ମୀ ବାଳକୃଷ୍ଣ ନାଏକ ସମୀକ୍ଷାରେ ସହଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ବରପାଲି, ୩୧।୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ ମହଦା ଗ୍ରାମପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାର ଯୋଜନା ଜନସାଧାରଣଙ୍କୁ ଅବଗତି ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଆଇଆଇସି ଜୟରଶ୍ମୀ ସେଠୀ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଜିଲା ବିଜେଡି ସଭାପତି ପ୍ରଭାସ ସିଂ, ରାଜ୍ୟ ସମବାୟ ସମିତି ଉପସଭାପତି ବିରସନ ସାହୁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଏକଜିକ୍ୟୁଟିଭ ସଭ୍ୟ ଗତିକୃଷ୍ଣ ମିଶ୍ର, ଜିଲା ଯୁବବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜୀବନ ବିନ୍ଦୁ ଜିଲା ସଂଯୋଜକ ଗୌରହରି ମିଶ୍ର, ମହଦା ସରପଞ୍ଚ ଗୀତାଞ୍ଜଳି ଦୋରା, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ ଓ ଆଗଲପୁର ପାକ୍ସର ଡାଇରେକ୍ଟରମାନେ ଉପସ୍ଥିତ ଥିଲେ।

# ଲୋକାର୍ପିତ ହେବାକୁ ଥିବା ନୂତନ ନିଃଶୁଳ୍କ ଡାଏଲିସିସ ସେବାକେନ୍ଦ୍ର ପ୍ରସ୍ତୁତି ନେଇ ତଦାରଖ

**ଡୁଙ୍ଗୁରିପାଲି,୩୧।୧(ଦୀନବନ୍ଧୁ ସୁନା)**



ପରିଦର୍ଶନ ସମୟରେ ନୂତନ ଜିଲାପାଳ ଅନ୍ୟା ଦାସ ଓ ଉପସ୍ଥିତ ଅଧିକାରୀ ବୃନ୍ଦ।

### ନୂତନ ଜିଲାପାଳଙ୍କ ଡୁଙ୍ଗୁରିପାଲି ବ୍ଲକ ପରିଦର୍ଶନ

ସୁବର୍ଣ୍ଣପୁର ଜିଲାର ନୂତନ ଜିଲାପାଳ ଅନ୍ୟା ଦାସ ବୁଧବାର ଅପରାହ୍ନ ୫ଟା ସମୟରେ ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ବିଡିଓ ରୋହିତ ଭୋଇଙ୍କ ସମେତ ବ୍ଲକ ଅଧିକାରୀମାନେ ନୂତନ ଜିଲାପାଳ ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ଜିଲାପାଳ ଡୁଙ୍ଗୁରିପାଲି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଜନସାଧାରଣ ଯେପରି ପାଇପାରିବେ ସେଥିପାଇଁ ବିଡ଼ିଓଙ୍କୁ ପଚାରି ଠିକ ଭାବେ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗୁରୁବାର ଦିନ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପିତ ହେବାକୁ ଥିବା ୪ ଶଯ୍ୟା ବିଶିଷ୍ଟ ନିଃଶୁଳ୍କ ଡାୟାଲିସିସ ସେବାକେନ୍ଦ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ତଦାରଖ କରିଥିଲେ । ଏହି କାର୍ଯ୍ୟକ୍ରମ ଯେପରି ସଫଳ ହେବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳ ଙ୍କ ପରିଦର୍ଶନ ସମୟରେ ଉପ ଜିଲାପାଳ ସୁରଜ ପଟନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ ପତି, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ କୁମାର ଦାସ, ବିଡ଼ିଓ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏଇ ଶୋବନାଧ ମାଝୀ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା, ଡୁଙ୍ଗୁରିପାଲି ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ କିରଣପ୍ରଭା ଡୁଙ୍ଗଡୁଙ୍ଗ, ସୁବର୍ଣ୍ଣପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡୁଙ୍ଗୁରିପାଲି ଆଇଆଇସି ସତ୍ୟନାରାୟଣ ପଧାନ. ଶେଷଦେବ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି ।


**PARADIP PORT AUTHORITY**
**e-TENDER CALL NOTICE**
No.-EM/WSD-II/Sweeping Machine/02/2023/
Date: 29.01.2024
e-TCN No. EM/WS- /2024
Name of the work "Hiring of 01 no. of Truck Mounted Conveyorised Mechanical Road Sweeping Machine for a period of (03+02)years". Estimated cost: Rs.6,61,00,020/- excluding GST and cost of Diesel. Last date & time of submission of bid: dt. 19.02.2024 up to 18:00 Hrs.
Refer our website for details https://eprocure.gov.in/eprocure/app.
Sd/- Executive Engineer (M)
Workshop Division-II
Paradip Port Authority
PPA/PR/81/2023-2024 dtd.31.01.2024

**ପୂର୍ବ ତଟ ରେଳପଥ**
**ଇ-ନିଲାମ ବିଜ୍ଞପ୍ତି**
ସଂ. : SDCM/KUR/E-Auction/ Press Clippings/2023-24, ତା.29.01.2024ରିଖ
1. ସମ୍ପତ୍ତିର ବିବରଣୀ : ଭଦ୍ରକ, କଟକ, ବ୍ରହ୍ମପୁର ଏବଂ ପଲାସା ଷ୍ଟେସନରେ ଏଟିଏମ୍ (ATM)ର ଯୋଗାଣ ଏବଂ ସଂଚାଳନ।
2. ସମ୍ପତ୍ତିର ବିବରଣୀ : ଭୁବନେଶ୍ୱରରେ 01ଟି ବ୍ୟାଟେରୀ ଚାଳିତ କାର, ବ୍ରହ୍ମପୁରରେ 01ଟି ବ୍ୟାଟେରୀ ଚାଳିତ କାର ଏବଂ ପୁରୀ ଷ୍ଟେସନରେ 02ଟି ବ୍ୟାଟେରୀ ଚାଳିତ କାରର ସଂଚାଳନ ଏବଂ ରକ୍ଷଣାବେକ୍ଷଣ।
3. ସମ୍ପତ୍ତିର ବିବରଣୀ : ପାରାଦୀପ ୟାର୍ଡରେ ଖାଲିଥିବା BOBRN ୱାଗନରେ ଛାଡ଼ି ଯାଇଥିବା ସାମଗ୍ରୀର ଅପସାରଣ କରିବା ଓ ୱାଗନକୁ ପରିଷ୍କାର କରିବା।
ନିଲାମ ଆରମ୍ଭ ତାରିଖ ଓ ସମୟ :
ତା.08.02.2024ରିଖ 1200 ଘଣ୍ଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1100 ଘଣ୍ଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1100 ଘଣ୍ଟିକା (କ୍ର.ସଂ. 3 ପାଇଁ)।
ନିଲାମ ଅନ୍ତିମ ତାରିଖ ଓ ସମୟ :
ତା.08.02.2024ରିଖ 1300 ଘଣ୍ଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1150 ଘଣ୍ଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1130 ଘଣ୍ଟିକା (କ୍ର.ସଂ. 3 ପାଇଁ)।
ଦ୍ରଷ୍ଟବ୍ୟ : ବିବରଣୀ ସନ୍ଦର୍ଭ ପାଇଁ ଉକ୍ତ ଇ-ନିଲାମର ସମ୍ପତ୍ତି ଏବଂ କାର୍ଯ୍ୟସୂଚୀ ବିବରଣୀ www.ireps.gov.in ୱେବସାଇଟ୍‌ରେ ଅପଲୋଡ କରାଯାଇଅଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-1044/O/23-24

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 19/2023-24 Date of Insertion-24.01.2024
**वॉक–इन–इन्टरव्यू**
भा.कृ.अनु.प– सीफा के आंचलिक अनिसंधान केंद्र सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(One) यंग प्रोफेशनल-II (YP-II) पद की भर्ती हेतु दिनांक 02.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
**WALK-IN INTERVIEW**
A Walk-in-Interview will be held on **02.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II, (YP-II)** purely on contractual basis to work under the "AICRP on Plastic Engineering in Agriculture Structures and Environment Management" project. For further details please visit to ICAR-CIFA website: **http://www.cifa.nic.in.**
मुख्य जाँचकर्ता / Principal Investigator

**GOVERNMENT OF ODISHA** No.A-1351
**e-Procurement Notice, Superintending Engineer, M.I. Division, Angul**
**Bid Identification No.-14 of 2023-24**
**e-mail ID- eemidivision_angul@yahoo.com**
**Letter No. 206 Date: 29.01.2024**

| | | | |
|---|---|---|---|
| 1 | Number of works | : | 14 (Fourteen) numbers of Civil works |
| 2 | Approximate estimated cost | : | Varies from Rs.7.96 lakh to 4.69 lakh |
| 3 | Cost of tender paper | : | Rs.2000/- & Rs.4000/- (Non-refundable) |
| 4 | Period of completion | : | 03 (Three) calendar months |
| 5 | Date & time of availability of bid document in the portal | : | Dt.03.02.2024 at 10.00 A.M. to Dt.08.02.2024 upto 5.00 P.M. |
| 6 | Last date / time for receipt of bid in the portal | : | Dt.08.02.2024 upto 5.00 P.M. |
| 7 | Date of opening of bid documents | : | Dt.09.02.2024 at 11.00 A.M. |
| 8 | Date of lottery if required | : | Dt.13.02.2024 at 11.00 A.M. |
| 9 | Name and address of the office inviting bid | : | Superintending Engineer, Minor Irrigation Division, Angul, At/P.O.-Hakimpada, College Square, District- Angul, PIN-759143, Ph.No.: 06764-236522, Email ID: eemidivision_angul@yahoo.com |
| 10 | The bidders have to participate in **ONLINE** bidding only. | | |

Further details can be seen from the e-procurement portal http://tendersorissa.gov.in
**Sd./- Superintending Engineer, M.I. Division, Angul**
OIPR-32284/11/0014/2324

**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, जामताड़ा**
Email Id:rdsdjmt@gmail.com
अति–अल्पकालीन ई0–निविदा आमंत्रण संख्या– **RDD/SD/JAMTARA/10/2023-24**
1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नारायनपुर प्रखण्ड में पंचायत–चंदाडीह लखनपुर में ग्राम–चिहुटिया से लखनपुर के बीच जोरिया पर पुल का निर्माण कार्य। | 2,88,45,500.00 | 5,77,000.00 | 10,000.00 | 18 माह |

2. वेबसाईट में निविदा प्रकाशन की तिथि :– दिनांक– 10.02.2024
3. ई0–निविदा प्राप्ति की तिथि एवं समय :– दिनांक– 10.02.2024 से दिनांक– 19.02.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–21.02.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।
ह0/– कार्यपालक अभियंता
ग्रामीण विकास विशेष प्रमण्डल, जामताड़ा
PR 317456 Rural Development (23-24)_D

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
Behind Mini Stadium, AT/PO/PS/Dist.- Nuapada- 766105
Phone No.: 06678-223295, E-mail: dpcnuapadassa.opepa@nic.in
No. 259 /PED/2024 Dated 30.01.24
IV-4/24
**NOTICE INVITING TENDER (NIT)**
Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & commercial bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.1000/- | Rs.10000/- | 15.02.2024 by 5.00 P.M. | 16.02.2024 at 11.00 A.M. |

The detailed BID document is available in the website (www.nuapada.nic.in). Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By the order of Collector-cum-Chairperson
Sd./- DEO-cum-DPC, Samagra Shiksha, Nuapada

# ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପ ନିଅନ୍ତୁ


ବାର୍ଷିକ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।


ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ରାଉରକେଲା, ୩୧।୧ (ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୩ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ପ୍ରଭାବତୀ ଗୁରୁ ଯୋଗଦାନ କରିଥିଲେ। ଶ୍ରମମନ୍ତ୍ରୀ ନାୟକ କହିଥିଲେ ଯେ, ପ୍ରତ୍ୟେକ ଶିକ୍ଷାର୍ଥୀ ଲକ୍ଷ୍ୟ ପୂରଣ ପାଇଁ ଦୃଢ ସଂକଳ୍ପ ନିଅନ୍ତୁ। ଶିକ୍ଷା କ୍ଷେତ୍ରରେ ଲକ୍ଷ୍ୟଭେଦୀ ହେବା ଆବଶ୍ୟକ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷାର୍ଥୀ ସମାଜକୁ ଶିକ୍ଷା ରୂପକ ଲକ୍ଷ୍ୟଭେଦରେ ପ୍ରବଳ ପାରଙ୍ଗମୀ ହେବା ନିହାତି ଆବଶ୍ୟକ। ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ପାରଙ୍ଗମୀ କରାଇବା ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ନୈତିକ ଦାୟିତ୍ୱ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଗୁରୁ କହିଥିଲେ ଯେ, ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ଅଭିଭାବକମାନଙ୍କ ପରିଶ୍ରମ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିହାତି ଆବଶ୍ୟକ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୁଷ୍ଠାନର ବିଭିନ୍ନ ଭିତ୍ତିଭୂମି ବିକାଶ ଉପରେ ସବିଶେଷ ସୂଚନା ପ୍ରଦାନ କରିବା ସହ ଶ୍ରମମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ପରେ ଛାତ୍ର ପରିଷଦର ଉପଦେଷ୍ଟା ଆଲୋକ କୁମାର ପଟେଲ ବାର୍ଷିକ ବିବରଣୀରେ ବିଗତ ବର୍ଷରେ ଛାତ୍ରୀଛାତ୍ରଙ୍କ ଉପଲବ୍ଧି ଓ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ।

## ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉଭୟ ଯୁକ୍ତଦୁଇ ସହିତ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତଦୁଇ ବର୍ଗରେ ସର୍ବାଧିକ ପୁରସ୍କାର ସୌରଭ ପାଣ୍ଡେ ଓ ବିଜେୟେନ୍ଦ୍ରୀ ମହାନ୍ତିଙ୍କୁ ମିଳିଥିବାବେଳେ ସ୍ନାତକ ଏବଂ ସ୍ନାତକୋତ୍ତର ବର୍ଗରେ ସର୍ବାଧିକ ବ୍ୟକ୍ତିଗତ ପୁରସ୍କାର ଲାଭ କରିଥିଲେ ସତ୍ୟବ୍ରତ ମହନ୍ତି। ବାର୍ଷିକ ଉତ୍ସବ ପାଳନରେ ବିଭିନ୍ନ ବର୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ଏବଂ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବିଶେଷ ଆକର୍ଷଣ ସାଜିଥିଲା। ସଭାକାର୍ଯ୍ୟକୁ ଛାତ୍ର ସଂସଦର ଅନ୍ୟ ଉପଦେଷ୍ଟା ପ୍ରଦୀପ ଖେସ ସଞ୍ଚାଳନ କରିଥିଲେ। ଧନ୍ୟବାଦ ଦେଇଥିଲେ ସାଂସ୍କୃତିକ ସଂସଦର ଉପଦେଷ୍ଟା ଅଧ୍ୟାପକ ଅଜୟ କୁମାର ବେହେରା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦର ସହ ଆବାହକ ରାଜ ସାହୁ, ସମ୍ପାଦକ ରୋଶନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ରାମେଶ୍ୱରୀ ଭୋଇ, ମମତା ବାକ୍ସଲା, ଅନୀତା ଜୈନ ଓ ଅଧ୍ୟାପକ ପ୍ରଦୀପ ଟପ୍ପୋ ଏବଂ ପ୍ରେମ ପ୍ରକାଶ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟାନ୍ୟ ବିଶେଷ ସହଯୋଗିତାରେ ଅଧ୍ୟାପକ ସୁରତ ଗିରି, ଚୌଧୁରୀ ପ୍ରଦୋଶ ରଞ୍ଜନ, ଡ. ଦୀପକ କୁମାର ସିଂହ ଓ ଜୟନ୍ତ ସାମନ୍ତରାୟ ପ୍ରମୁଖ ରହିଥିଲେ।

# ରାଉରକେଲା ପୁସ୍ତକ ମେଳା ଫେବୃଆରୀ ୨ରୁ

**ରାଉରକେଲା,୩୧।୧(ସଙ୍ଗୀତା ଜେନା)**

୨୯ତମ ରାଉରକେଲା ପୁସ୍ତକ ମେଳା ଫେବୃଆରୀ ୨ରୁ ୧୧ ତାରିଖ ପର୍ଯ୍ୟନ୍ତ ଭଞ୍ଜଭବନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଆଦର୍ଶ ପାଠାଗାର ପକ୍ଷରୁ ଏହି ପୁସ୍ତକ ମେଳା ଆୟୋଜିତ ହେବ। ଏ ନେଇ ବୁଧବାର ଆଦର୍ଶ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥୀ ସୂଚନା ଦେଇ କହିଲେ, ଉକ୍ତ ପୁସ୍ତକ ମେଳାରେ ଓଡ଼ିଶାର ସମସ୍ତ ପୁସ୍ତକ ପ୍ରକାଶନ ଓ ବିକ୍ରେତାମାନଙ୍କୁ ଯୋଗଦେବାକୁ ଅନୁରୋଧ କରାଯାଉଛି। ଉକ୍ତ ମେଳାରେ ମୋଟ ୮୦ଟି ଷ୍ଟଲ ଉପଲବ୍ଧ ହେବ। ଦିଲ୍ଲୀ, କୋଲକାତା ସମେତ ଓଡ଼ିଶାର ୩୮ଟି ପ୍ରମୁଖ ପ୍ରକାଶନ ଓ ପୁସ୍ତକ ବିକ୍ରେତା ଅନୁଷ୍ଠାନ ଏଥିରେ ଯୋଗଦେବେ। ସେହିପରି ଚଳିତବର୍ଷ ସମ୍ମାନଜନକ ଲକ୍ଷ୍ମୀଧର ନାୟକ ସାରସ୍ୱତ ସ୍ମୃତିସମ୍ମାନ କବି ବିଜୟ ରାୟଙ୍କୁ ପ୍ରଦାନ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡାମିକ୍ସ ସମୂହର ଅଧ୍ୟକ୍ଷ ଇଂ ଯତୀନ୍ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୩ରୁ ସଙ୍ଗୀତ ପ୍ରତିଯୋଗିତା, ଚିତ୍ରାଙ୍କନ, ଏକକନୃତ୍ୟ, ଫ୍ୟାନ୍ସୀ ଡ୍ରେସ ପ୍ରତିଯୋଗିତା ଆଦି କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗ ଦେବା ସହ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଶତପଥୀ କହିଥିଲେ। ରାଧାକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ବାଉରୀବନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବସନ୍ତ ଦାସ, ଜ୍ୟୋତିରଞ୍ଜନ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ବିଜୟ ପାତ୍ର, ଟୁକୁଲା ପାଢ଼ୀ, ପଞ୍ଚାନନ ପାତ୍ର, ପ୍ରେମାନନ୍ଦ ସାମଲ, କଳ୍ପନା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଆଦର୍ଶ ପାଠାଗାରରେ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ସଦସ୍ୟ।

# ୧୮ବର୍ଷରୁ କମ ବାଳିକା ବ୍ୟାଡମିଣ୍ଟନ ଡବଲ୍ସରେ ବିଶାଖା ଟପ୍ପୋଙ୍କ ରୌପ୍ୟ ପଦକ

**ରାଉରକେଲା, ୩୧।୧(ବିପ୍ଳବରଞ୍ଜନ ଦାଶ):** ତାମିଲନାଡୁର ଚେନ୍ନାଇଠାରେ ୧୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ଖେଳା ଯାଇଥିବା ଷଷ୍ଠ ଖେଲୋଇଣ୍ଡିଆ ଯୁବକ୍ରୀଡା-୨୦୨୪ରେ ୧୮ବର୍ଷରୁ କମ ବ୍ୟାଡମିଣ୍ଟନ ଡବଲ୍ସ ଗେମ୍ସରେ ବିଶାଖା ଟପ୍ପୋ ରୌପ୍ୟ ପଦକ ହାସଲ କରି ରାଜ୍ୟ ଓ ରାଉରକେଲା ସହର ପାଇଁ ଗୌରବ ଆଣିଛନ୍ତି। ଆରଏସ୍‌ପି ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏମଓଏମଟି ଚାରୋ ଟପ୍ପୋ ଓ ଜୟଶ୍ରୀ ଟପ୍ପୋଙ୍କ ଝିଅ ହେଲେ ବିଶାଖା। ତେବେ ବିଶାଖା ଯାଜପୁରର ପ୍ରଗତି ପରିଡାଙ୍କ ସହଭାଗୀ ଯୋଡି ଭାବରେ ଯୁବକ୍ରୀଡା ପ୍ରତିଯୋଗିତାରେ ଚମତ୍କାର ବ୍ୟାଡମିଣ୍ଟନ କ୍ରୀଡା କୌଶଳତା ଯୋଡିକୁ ଫାଇନାଲକୁ ଉତ୍ତୀର୍ଣ୍ଣ କରିଥିଲା। ଫାଇନାଲ ଖେଳ ମହାରାଷ୍ଟ୍ର ସହିତ ହୋଇଥିଲା। ଏଥିରେ ଓଡିଶାର ବିଶାଖା ଟପ୍ପୋଙ୍କ ଯୋଡି ରନର୍ସଅପ ହୋଇଥିଲେ।


ବିଶାଖା ଟପ୍ପୋ ଓ ଯୋଡ଼ି।

# ୧୬୦ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ


ନୀଳଶୈଳ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି।

**ରାଉରକେଲା, ୩୧।୧ (ବିପ୍ଳବରଞ୍ଜନ ଦାଶ)**

ନୀଳଶୈଳ ମହାବିଦ୍ୟାଳୟରେ ୧୮ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୩ଦିନ ବ୍ୟାପି ଚାଲିଥିବା ଏହି ଶିବିରରେ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିବା ୧୬୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା।

## ନୀଳଶୈଳ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ଶିବିର ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପ୍ରେରଣା ଦେବା ସହିତ ନିଜର ସୁରକ୍ଷା ପାଇଁ ଶାରୀରିକସ୍ତରରେ ସଶକ୍ତ ହେବା ପାଇଁ କହିଥିଲେ। ତାଲିମ ଶିବିରରେ ମାଷ୍ଟର ଟ୍ରେନର ନିକି କୁସ୍ୱାହା, ଜୟା ସିଂ ଏବଂ ଦୁଲାରୀ ମୁଣ୍ଡାରୀ ଯୋଗଦେଇଥିଲେ। ସେମାନେ ଛାତ୍ରୀମାନଙ୍କୁ ନୂତନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଶୀତ କୁମାର ଭୂୟାଁ, ପ୍ରଭାତ କୁମାର ରାଉତ, ଡ. ସୁମନ ସାହୁ, ପ୍ରିୟଙ୍କା ପୂର୍ତ୍ତି ଏବଂ ଅର୍ଚ୍ଚନା ଭୋଇ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ୧୧ଦାବି ନେଇ ସଚେତନ ନାଗରିକ ମଞ୍ଚର ପ୍ରଧାନମନ୍ତ୍ରୀଙ୍କୁ ପତ୍ର

**ରାଉରକେଲା,୩୧।୧ (ସଙ୍ଗୀତା ଜେନା)**

ଫେବୃଆରୀ ୩ ପ୍ରଧାନମନ୍ତ୍ରୀ ସମ୍ବଲପୁରଠାରେ ଆଇଆଇଏମ୍ କ୍ୟାମ୍ପସ୍ ଉଦ୍‌ଘାଟନ କରିବାକୁ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ୧୨ଟି ଜିଲାକୁ ନେଇ ପଶ୍ଚିମ ଓଡ଼ିଶାରେ ବିକାଶମୂଳକ କାର୍ଯ୍ୟଧାରାକୁ ପରିପୂର୍ଣ୍ଣ କରିବା ଓ ବନ୍ଦ ପଡିଥିବା ପ୍ରକଳ୍ପକୁ ପୁନଃ ଚାଲୁ କରିବା ପାଇଁ ଦାବି ହୋଇଛି। ଏହି କ୍ରମରେ ବୁଧବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟରେ ପତ୍ର ମାଧ୍ୟମରେ ୧୧ଟି ଦାବି କରାଯାଇଛି। ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ ବିଶି ପତ୍ରରେ ଉଲ୍ଲେଖ କରିଛନ୍ତି, ରାଉରକେଲାକୁ ରେଳ ଡିଭିଜନ (ଡିଆର୍‌ଏମ୍ କାର୍ଯ୍ୟାଳୟ) ଘୋଷଣା କରାଯାଉ। ସୁନ୍ଦରଗଡ଼ରେ ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ, ଏଏଆଇ ପରିଚାଳିତ ରାଉରକେଲା ବିମାନବନ୍ଦରକୁ ପୂର୍ଣ୍ଣକ୍ଷମ କରାଯାଉ, କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଧାନ ଗବେଷଣା କେନ୍ଦ୍ର ତଥା କୃଷକ ଦକ୍ଷତାବୃଦ୍ଧି ତାଲିମ କେନ୍ଦ୍ର ସମ୍ବଲପୁରରେ ପ୍ରତିଷ୍ଠା କରାଯାଉ। ସେହିପରି ଏମ୍‌ଏସ୍‌ଏମ୍‌ଇ ତାଲିମ କେନ୍ଦ୍ର ଓ ଟୁଲ୍‌ରୁମ ନିର୍ମାଣ ସମ୍ପୂର୍ଣ୍ଣ କରାଯାଉ, ପୁରାତନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ର ପୁନଃନିର୍ମାଣ କରାଯାଉ, ସମ୍ବଲପୁରରେ ଡିଫେନ୍ସ କଲେଜ ନିର୍ମାଣ, ଆନ୍ତର୍ଜାତୀୟ ସ୍ତରୀୟ କ୍ରିକେଟ ଷ୍ଟାଡ଼ିୟମ୍ ରାଉରକେଲାରେ ନିର୍ମାଣ କରାଯାଉ, ୬୦ ବର୍ଷରୁ ଦାବି କରାଯାଉଥିବା ତାଲଚେର୍- ବିମଲାଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଉ, ବହୁପ୍ରତୀକ୍ଷିତ ଝାରସୁଗୁଡ଼ା- ସୁନ୍ଦରଗଡ଼- ଅମ୍ବିକାପୁର ରେଳ ପ୍ରକଳ୍ପ ଶୀଘ୍ର ଆରମ୍ଭ, ରାଉରକେଲା ଇସ୍ପାତ କାରଖାନା ୧୦ ମିଲିୟନ୍ ଟନ୍ ସମ୍ପ୍ରସାରଣ ଶୀଘ୍ର ଆରମ୍ଭ କରିବା ଆଦି ଦାବି ଗୁଡ଼ିକ କରାଯାଇଛି।

# ଓଡ଼ିଆ ସ୍ୱାଭିମାନର ଜୀବନ୍ତ ପ୍ରତୀକ ଶ୍ରୀଜଗନ୍ନାଥ ସଂସ୍କୃତି

**ରାଉରକେଲା, ୩୧।୧ (ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସହର ଉପକଣ୍ଠ ବେଦବ୍ୟାସ ସରକାରୀ ସଂସ୍କୃତ ମହାବିଦ୍ୟାଳୟଠାରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଅଗ୍ନିବାବା ଯୋଗଦେଇ ସଭା କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭବାନୀଶଙ୍କର ଚାନ୍ଦେଲ, ମହାବିଦ୍ୟାଳୟ ସଭାପତି ସୂର୍ଯ୍ୟମଣି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆଲୋଚନାଚକ୍ରରେ ଅତିଥିମାନେ କହିଥିଲେ ଯେ, ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଆ ସ୍ୱାଭିମାନର ଜୀବନ୍ତ ପ୍ରତୀକ। ଜଗନ୍ନାଥ ସଂସ୍କୃତି ଓଡ଼ିଶାର ପ୍ରତ୍ୟେକବର୍ଗଙ୍କର ଜୀବନ ସହିତ ଜଡିତ। ଜଗନ୍ନାଥ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନରେ ଅନୁସରଣ କଲେ ଜୀବନ ଆନନ୍ଦ, ସୁଖମୟ ହେବ। ଜଗନ୍ନାଥଙ୍କ ସାନ୍ନିଧ୍ୟରେ ଜୀବନ ଅତିବାହିତ କଲେ ଜୀବନଯାତ୍ରା ସାଫଲ୍ୟ ମଣ୍ଡିତ ହେବା ସହ ଧନ୍ୟ ହୋଇଥାଏ ବୋଲି କହିଥିଲେ। ପରେ ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ଭକ୍ତିପୂତ ଓଡ଼ିଆ, ସମ୍ବଲପୁରୀ ଭଜନ ପରିବେଷଣ କରିଥିବା ରେଶମା ମାଝି, ମମତା ପ୍ରଧାନ ଓ ନମ୍ରତା ଲାକ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଆ ଅଧ୍ୟାପିକା ଶ୍ୟାମମାଳା ଦାସ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଡକ୍ଟର ପରମେଶ୍ୱର ଶତପଥି ଜଗନ୍ନାଥ ବେଦମନ୍ତ୍ର ପାଠ କରିଥିଲେ। ନୋଡ଼ାଲ ଅଧିକାରୀ ଚନ୍ଦ୍ରଧ୍ୱଜ ମାଝି, କେଦାରନାଥ ପାଢୀ, କାଳୀକିଙ୍କର ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଦାସ, ଶିବପ୍ରସାଦ ପାଠୀ, ସନ୍ତୋଷ କୁମାର ଲେଙ୍କା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏଥି ଉପଲକ୍ଷେ ଓଡ଼ିଆ ହସ୍ତାକ୍ଷର, ପ୍ରବନ୍ଧ, ତର୍କବିତର୍କ, ଜଗନ୍ନାଥ ଭଜନ ଓ ଶାସ୍ତ୍ରୀୟ ବାଦ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ହୋଇଥିଲା। କେଦାରନାଥ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ଦେଇଥିଲେ।


ସରକାରୀ ସଂସ୍କୃତ ମହାବିଦ୍ୟାଳୟରେ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**PARADIP PORT AUTHORITY**
**e-TENDER CALL NOTICE**
No.-EM/WSD-II/Sweeping Machine/02/2023/
Date: 29.01.2024
e-TCN No. EM/WS- /2024
Name of the work "Hiring of 01 no. of Truck Mounted Conveyorised Mechanical Road Sweeping Machine for a period of (03+02)years". Estimated cost: Rs.6,61,00,020/- excluding GST and cost of Diesel. Last date & time of submission of bid: dt. 19.02.2024 up to 18:00 Hrs.
Refer our website for details https://eprocure.gov.in/eprocure/app.
Sd/- Executive Engineer (M)
Workshop Division-II
Paradip Port Authority
PPA/PR/81/2023-2024 dtd.31.01.2024

**ପୂର୍ବ ତଟ ରେଳପଥ**
**ଇ-ନିଲାମ ବିଜ୍ଞପ୍ତି**
ସଂ. : SDCM/KUR/E-Auction/ Press Clippings/2023-24, ତା.29.01.2024ରିଖ
1. ସମ୍ପତ୍ତିର ବିବରଣୀ : ଭଦ୍ରକ, କଟକ, ବ୍ରହ୍ମପୁର ଏବଂ ପଲାସା ଷ୍ଟେସନରେ ଏଟିଏମ୍ (ATM)ର ଯୋଗାଣ ଏବଂ ସଂଚାଳନ।
2. ସମ୍ପତ୍ତିର ବିବରଣୀ : ଭୁବନେଶ୍ୱରରେ 01ଟି ବ୍ୟାଟେରୀ ଚାଳିତ କାର, ବ୍ରହ୍ମପୁରରେ 01ଟି ବ୍ୟାଟେରୀ ଚାଳିତ କାର ଏବଂ ପୁରୀ ଷ୍ଟେସନରେ 02ଟି ବ୍ୟାଟେରୀ ଚାଳିତ କାରର ସଂଚାଳନ ଏବଂ ରକ୍ଷଣାବେକ୍ଷଣ।
3. ସମ୍ପତ୍ତିର ବିବରଣୀ : ପାରାଦୀପ ୟାର୍ଡରେ ଖାଲିଥିବା BOBRN ୱାଗନରେ ଛାଡ଼ି ଯାଇଥିବା ସାମଗ୍ରୀର ଅପସାରଣ କରିବା ଓ ୱାଗନକୁ ପରିଷ୍କାର କରିବା।
ନିଲାମ ଆରମ୍ଭ ତାରିଖ ଓ ସମୟ :
ତା.08.02.2024ରିଖ 1200 ଘଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1100 ଘଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1100 ଘଟିକା (କ୍ର.ସଂ. 3 ପାଇଁ)।
ନିଲାମ ଅନ୍ତିମ ତାରିଖ ଓ ସମୟ :
ତା.08.02.2024ରିଖ 1300 ଘଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1150 ଘଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1130 ଘଟିକା (କ୍ର.ସଂ. 3 ପାଇଁ)।
ଦ୍ରଷ୍ଟବ୍ୟ : ବିଡରଙ୍କ ସନ୍ଦର୍ଭ ପାଇଁ ଉକ୍ତ ଇ-ନିଲାମର ସମ୍ପତ୍ତି ଏବଂ କାର୍ଯ୍ୟସୂଚୀ ବିବରଣୀ www.ireps.gov.in ୱେବସାଇଟ୍‌ରେ ଅପଲୋଡ କରାଯାଇଅଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-1044/O/23-24

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 19/2023-24 Date of Insertion-24.01.2024
**वॉक–इन–इन्टरव्यू**
भा.कृ.अनु.प– सीफा के आंचलिक अनिसंधान केंद्र सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(One) यंग प्रोफेशनल-II (YP-II)** पद की भर्ती हेतु **दिनांक 02.02.2024 को पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।
**WALK-IN INTERVIEW**
A Walk-in-Interview will be held on **02.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II, (YP-II)** purely on contractual basis to work under the "AICRP on Plastic Engineering in Agriculture Structures and Environment Management" project. For further details please visit to ICAR-CIFA website: **http://www.cifa.nic.in.**
मुख्य जाँचकर्ता / Principal Investigator

**GOVERNMENT OF ODISHA** No.A-1351
**e-Procurement Notice, Superintending Engineer, M.I. Division, Angul**
**Bid Identification No.-14 of 2023-24**
**e-mail ID- eemidivision_angul@yahoo.com**
**Letter No. 206 Date: 29.01.2024**

| | | | |
|---|---|---|---|
| 1 | Number of works | : | 14 (Fourteen) numbers of Civil works |
| 2 | Approximate estimated cost | : | Varies from Rs.7.96 lakh to 4.69 lakh |
| 3 | Cost of tender paper | : | Rs.2000/- & Rs.4000/- (Non-refundable) |
| 4 | Period of completion | : | 03 (Three) calendar months |
| 5 | Date & time of availability of bid document in the portal | : | Dt.03.02.2024 at 10.00 A.M. to Dt.08.02.2024 upto 5.00 P.M. |
| 6 | Last date / time for receipt of bid in the portal | : | Dt.08.02.2024 upto 5.00 P.M. |
| 7 | Date of opening of bid documents | : | Dt.09.02.2024 at 11.00 A.M. |
| 8 | Date of lottery if required | : | Dt.13.02.2024 at 11.00 A.M. |
| 9 | Name and address of the office inviting bid | : | Superintending Engineer, Minor Irrigation Division, Angul, At/P.O.-Hakimpada, College Square, District- Angul, PIN-759143, Ph.No.: 06764-236522, Email ID: eemidivision_angul@yahoo.com |
| 10 | The bidders have to participate in **ONLINE** bidding only. | | |

Further details can be seen from the e-procurement portal http://tendersorissa.gov.in
Sd./- Superintending Engineer, M.I. Division, Angul
OIPR-32284/11/0014/2324

**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**
अति–अल्पकालीन ई0–निविदा आमंत्रण संख्या– **RDD/SD/JAMTARA/10/2023-24**
1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नारायनपुर प्रखण्ड में पंचायत–चंदाडीह लखनपुर में ग्राम–चिहुटिया से लखनपुर के बीच जोरिया पर पुल का निर्माण कार्य। | 2,88,45,500.00 | 5,77,000.00 | 10,000.00 | 18 माह |

2. वेबसाईट में निविदा प्रकाशन की तिथि :– दिनांक– 10.02.2024
3. ई0–निविदा प्राप्ति की तिथि एवं समय :– दिनांक– 10.02.2024 से दिनांक– 19.02.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–21.02.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।
ह0/– कार्यपालक अभियंता
ग्रामीण विकास विशेष प्रमण्डल, जामताड़ा
PR 317456 Rural Development (23-24)_D

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
**Behind Mini Stadium, AT/PO/PS/Dist.- Nuapada- 766105**
**Phone No.: 06678-223295, E-mail: dpcnuapadassa.opepa@nic.in**
No. 259 /PED/2024 Dated 30.01.24
IV-4/24
**NOTICE INVITING TENDER (NIT)**
Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & commercial bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.1000/- | Rs.10000/- | 15.02.2024 by 5.00 P.M. | 16.02.2024 at 11.00 A.M. |

The detailed BID document is available in the website (www.nuapada.nic.in). Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By the order of Collector-cum-Chairperson
Sd./- DEO-cum-DPC, Samagra Shiksha, Nuapada

## ମଦ ଜବତ, ମହିଳା ଗିରଫ

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ଥାନା ଡୁଡୁକା ସୁଶାନ୍ତି ନଗରରେ ବୁଧବାର ଚଢାଉ କରି ପୋଲିସ ୧୩ଲିଟର ରନ୍ଧାମଦ ଜବତ କରିଛି। ବେଆଇନ କାରବାର କରୁଥିବା ସୁକାନ୍ତି ବାଗ(୬୦)ଙ୍କୁ ଗରିଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି।

### ଆଜି କ'ଣ କେଉଁଠି

**ମୁରିବାହାଲ**

- ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ସମାରୋହର ଉଦ୍‌ଘାଟନୀ, ସ୍ଥାନ-ବିଦ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ୧୧ଟା।
- ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ-ଚଲକି ହାଇସ୍କୁଲ ଖେଳ ପଡିଆ, ସମୟ- ଅପରାହ୍ନ ୩.୩୦।

**ଖପ୍ରାଖୋଲ**

- ୩୧ତମ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ଉଦଯାପନୀ ଉତ୍ସବ, ସ୍ଥାନ-ଲିହାସିଂହା ସର୍ବୋଦୟ ଉଚ୍ଚ ମାଧମିକ ବିଦ୍ୟାଳୟ, ସ୍ଥାନ- ସମୟ ଅପରାହ୍ନ ୨ଟା।

# ପୁସ୍ତକ ଅଧ୍ୟୟନ ଏକ ତପସ୍ୟା

ବଲାଙ୍ଗୀର,୩୧।୧(ବୀରେନ୍ଦ୍ର କୁମାର ଝାଙ୍କର)

### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ତିନିଦିନ ବ୍ୟାପୀ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସମାରୋହରେ ପଦ୍ମଶ୍ରୀ ନରସିଂହ ଗୁରୁ, ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା, ପ୍ରଫେସର ମଧୁସୂଦନ ପତି, ଗାୟତ୍ରୀ ସରାଫ, ସୌଭାଗ୍ୟବନ୍ତ ମହାରଣା ଓ ଗଣେଶ ନାହାକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗକୁ ନେଇ ଆଲୋଚକମାନେ ଆଲୋଚନା କରିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଯାହା ବିଦ୍ୟା ଅର୍ଜନ କରିବା ତାହା ଅନ୍ୟମାନଙ୍କ ବିକାଶ ପାଇଁ ବିନିଯୋଗ କରିବା ଦିଗରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ଆଳସ୍ୟ ପରିତ୍ୟାଗ କରି ପୁସ୍ତକ ଅଧ୍ୟୟନକୁ ଏକ ତପସ୍ୟା ରୂପେ ଆଚରଣ କରିବା, ଓଡ଼ିଶାରେ ଯେକୌଣସି ସ୍ଥାନକୁ ଚିଠି ଲେଖିଲେ ଠିକଣା ଓଡ଼ିଆରେ ଲେଖିବା ଓ ଉଭୟ ମା' ମାଟି ଓ ମାତୃଭାଷାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧିକାରୀମାନଙ୍କୁ ଅଙ୍ଗବସ୍ତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଡକ୍ଟର ବିଷ୍ଣୁପ୍ରିୟା ବେହେରା, ଦୀପ୍ତିମୟୀ ନାଏକ, ସସ୍ମିତା ମେହେର ଓ ପଙ୍କଜିନୀ ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ସୋମବାର ଏହାର ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ସୁଷମା ମଞ୍ଜରୀ ନାୟକ ମୁଖ୍ୟଅତିଥି, ପ୍ରଫେସର ଡକ୍ଟର ରାଜକିଶୋର ପାତ୍ର, କୁଳସଚିବ ଯୁଧିଷ୍ଠିର ନାୟକ, ପ୍ରଫେସର ଡକ୍ଟର ପ୍ରତାପ କୁମାର ଦାଶ, ବିତ୍ତ ନିୟନ୍ତ୍ରକ ଚନ୍ଦ୍ରମଣି ମିର୍ଦ୍ଧା, ନୋଡ଼ାଲ ଅଧିକାରୀ ମଦନ ମୋହନ ପ୍ରଧାନ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୁଶାନ୍ତ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ବିଷ୍ଣୁପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନ ଭିତରେ ସର୍ବମୋଟ ୭ଟି ସେମିନାର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ରୂପ ଓ ରୂପାନ୍ତର ଶୀର୍ଷକ ପ୍ରଥମ ସମ୍ପାନରେ ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର, ପ୍ରଫେସର ସନ୍ତୋଷ ରଥ, କୌତୁକ ପନ୍ଦର ଓ ଇତିଶ୍ରୀ ଦାସ ଆଲୋଚକଭାବେ ଯୋଗଦାନ କରିଥିଲେ। ଓଡ଼ିଆ ଭାଷା: ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗ ଶୀର୍ଷକ ସମ୍ପାନରେ ଗୋପବନ୍ଧୁ ରଥ, ଦ୍ୱାରିକା ନାୟକ, ଶ୍ୟାମ ଭୋଇ, ସଞ୍ଜୟ କୁମାର ମିଶ୍ର ଆଲୋଚକ ଭାବେ ଯୋଗଦାନ କରିଥିଲେ। ଦ୍ୱିତୀୟ ଦିବସର ଆଧୁନିକ ଓଡ଼ିଆ କବିତାର ଭାଷା ବୈଚିତ୍ର ଶୀର୍ଷକ ସମ୍ପାନରେ ଶତ୍ରୁଘ୍ନ ପାଣ୍ଡବ, ସୌଭାଗ୍ୟବନ୍ତ ମହାରଣା, ଗୌତମ ଜେନା, ସୁଶାନ୍ତ କୁମାର ପଣ୍ଡା ଆଲୋଚକ ଥିଲେ। କଥା ସାହିତ୍ୟର ଭାଷା ଓ ଭାବ ଶୀର୍ଷକ ସମ୍ପାନରେ ଭୁବନାନନ୍ଦ ସାହୁ, ଜୟକୁମାର ଆଚାର୍ଯ୍ୟ, ସୌରଭ ରଞ୍ଜନ ଖମାରୀ, ଶେଷନ ବିଶି ଆଲେଚକ ଥିଲେ। ଗଦ୍ୟ ସାହିତ୍ୟର ଭାଷା ଶୀର୍ଷକ ସମ୍ପାନରେ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରତାପ କୁମାର ଦାଶ, ବଳଭଦ୍ର ଦାଶ, ବିରଞ୍ଚି କୁମାର ସାହୁ ଆଲୋଚକ ଥିଲେ। ଉଦ୍‌ଯାପନୀ ଦିବସରେ ଓଡ଼ିଆ ଭାଷାର ବିବିଧ ବିଭବ ଶୀର୍ଷକ ସମ୍ପାନରେ ସଦାନନ୍ଦ ନାୟକ, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜଗଦାନନ୍ଦ ଛୁରିଆ, ରତିକାନ୍ତ ନାୟକ ଆଲୋଚକ ଥିଲେ। ଓଡ଼ିଆ ନାଟ୍ୟ ସାହିତ୍ୟ: ଭାଷା ବୈଚିତ୍ର ଶୀର୍ଷକ ଶେଷ ସମ୍ପାନରେ ସମର ମୁଦାଲି, ସନାତନ ଠାକୁର, ପୁରୁଷୋତ୍ତମ ମିଶ୍ର ଓ ପରମେଶ୍ୱର ମୁଣ୍ଡ ବିଷୟ ବିଶେଷଜ୍ଞ ଭାବେ ଯୋଗଦାନ କରି ଗବେଷଣାମୂଳକ ସନ୍ଦର୍ଭ ଉପସ୍ଥାପିତ କରିଥିଲେ।



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

## ବିଜେଡି ପକ୍ଷରୁ ଘରେଘରେ ଶଙ୍ଖ ଅଭିଯାନ

ଦେଓଗାଁ,୩୧।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ଲକ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଅଭିଯାନ ବୁଧବାର ଆରମ୍ଭ ହୋଇଛି। ଗାଁ ମାନଙ୍କରେ ବିଜେଡିର ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ପ୍ରତିଘରେ ଶଙ୍ଖ ଚିହ୍ନକୁ ଦେବାସହ ପୁରୀରୁ ଆସିଥିବା ମହାପ୍ରସାଦ ବଣ୍ଟନ କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ବିକାଶ ଧାରା ଉପରେ ଲୋକଙ୍କୁ ଅବଗତ କରିଥିଲେ। ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସିଲେଟକାନୀ ଗାଁରେ ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜୁଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଅଚ୍ୟୁତ ମିଶ୍ର, ପ୍ରମୋଦ କୁମାର ବହିଦାର, ବୁଦ୍ଧଦେବ ପରୁଆ, ରାଜ ପ୍ରତାପ ସିଂଦେଓ ସହଯୋଗ କରିଥିଲେ।

### ସଂକ୍ଷେପରେ

## କୃଷକ ତାଲିମ ଶିବିର

ଖପ୍ରାଖୋଲ, ୩୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କୃଷକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ଏଏଓ ଦୀନବନ୍ଧୁ ବେହେରା, ଏସ.ବାରିକ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇ କୃଷକମାନଙ୍କୁ ବିଭିନ୍ନ ଚାଷର ପରିଚାଳନା, ଉତ୍ପାଦନ ବୃଦ୍ଧି, ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଆଗୁଆ ଚାଷୀ ଉପସ୍ଥିତ ଥିଲେ।

## ରାସ୍ତା ଶୋଚନୀୟ, ହେଉନି ମରାମତି

ଲାଠୋର, ୩୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କଲେଜ ଛକ ନିକଟ ଚାରିଛକ ମୁଖ୍ୟ ରାସ୍ତାରେ ପିଚୁ ଉଠି ଶୋଚନୀୟ ହୋଇଛି। ଏହାକୁ ମରାମତି କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ପିଡବ୍ଲ୍ୟୁଡି ବିଭାଗ ଅଧୀନରେ ଥିବା ଏହି ରାସ୍ତା ଲାଠୋର କଲେଜ ଛକଠାରେ ଚାରି ଦିଗକୁ ସଂଯୋଗ କରୁଛି। ପୂର୍ବକୁ କଲେଜ ରାସ୍ତା ଥିବା ବେଳେ ପଶ୍ଚିମ ଦିଗକୁ ନୂଆପଡ଼ା ଜିଲାକୁ ଯାଇଛି। ସେହିପରି ଉତ୍ତର ଦିଗକୁ ଖପ୍ରାଖୋଲ ଓ ଦକ୍ଷିଣ ଦିଗକୁ କଣ୍ଟାବାଞ୍ଜିକୁ ରାସ୍ତା ରହିଛି। ଏହି ଚାରିଛକର ମୁଖ୍ୟସ୍ଥଳରେ ପିଚୁ ଉଠି ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶହଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରୁଥିବାବେଳେ ରାସ୍ତାରେ ଖାଲଖମା ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସମସ୍ୟାକୁ ଦେଖି କିଛିଦିନ ତଳେ ଲାଠୋର ପଞ୍ଚାୟତ ପକ୍ଷରୁ ସେଠାରେ ମରାମତି କରାଯାଇଥିଲା। ହେଲେ ବିନା ପିଚୁରେ ମରାମତି ହୋଇଥିବା ହେତୁ ରାସ୍ତାରେ ପୁଣି ଖାଲ ସୃଷ୍ଟି ହୋଇଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



**ବଲାଙ୍ଗୀର ସହର ମୁଖ୍ୟରାସ୍ତାରେ ବାଘ ଭ୍ରମ:** ଜଣେ ବ୍ୟକ୍ତି ଏକ 'ଟେଡି ଟାଇଗର'କୁ ମୋଟର ସାଇକଲରେ ନେଇ ଯାଉଛନ୍ତି। (ଫଟୋ-ସୁନୀଲ)

## ଗୋଳାବାରୁଦ କାରଖାନାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସଇଁତଳା,୩୧।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରରେ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କାରଖାନା ପରିସରସ୍ଥିତ ଏକ ବିସ୍ଫୋରକ ଗୋଦାମ ଗୃହକୁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ପ୍ରୟୋଗ କ୍ଷେତ୍ର ଭାବେ ନିରୂପଣ କରାଯାଇଥିଲା। ଏହି ଗୋଦାମ ଗୃହରେ ଅଗ୍ନିକାଣ୍ଡ ହୋଇଥିବା ଦର୍ଶାଇ ସମସ୍ତ ସମ୍ବନ୍ଧିତ ଅନୁଷ୍ଠାନମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। କାରଖାନାର ଅଗ୍ନିଶମ ବିଭାଗ ଓ ସମସ୍ତ ସମ୍ବନ୍ଧିତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତିରେ ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟକରି କାରଖାନା ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଏହାକୁ ଏକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଜିଲା ଫ୍ୟାକ୍ଟରି ଆଣ୍ଡ ବଏଲରର ସହାୟକ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, ଜିଲା ଜରୁରୀକାଳୀନ ଅଧିକାରୀ ସସ୍ମିତା ପ୍ରଧାନ, ରାଜ୍ୟ ସରକାରଙ୍କ ଅଗ୍ନିଶମ ବାହିନୀ ସହାୟତା ପାଇଁ ଉପସ୍ଥିତ ଥିଲେ। ଦୀର୍ଘ ୧ ଘଣ୍ଟା ଧରି ଏହି ଅଭ୍ୟାସ ଜାରି ରହିଥିଲା। ଶେଷରେ ବିପର୍ଯ୍ୟୟ ପ୍ରଶମନ ହୋଇଥିବା ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାରଖାନାର ଅତିରିକ୍ତ ମହାପ୍ରବନ୍ଧକ ପି.ଏଲ.ଭି ଶେଖର, ଅରୁଣ ଆର. ଠାକୁର, କାରଖାନା ପରିସର ଡ଼ାକ୍ତରଖାନା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଦୈତାରୀ ମେହେର, ବରିଷ୍ଠ ସୁରକ୍ଷା ଅଧିକାରୀ ଲେଫ୍ଟନାଣ୍ଟ କର୍ନେଲ ଜନ୍ମେଜୟ ମିଶ୍ର ଉପସ୍ଥିତ ଥିଲେ। କାରଖାନା ସଂରକ୍ଷା ଅନୁଭାଗ(ସେଫ୍ଟି)ର ଉପମହାପ୍ରବନ୍ଧକ ସରୋଜ ସୟେଦ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭାଜପା କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଭାଜପା କାର୍ଯ୍ୟକର୍ତ୍ତାମାନେ।

ଗୁଡଭେଲା,୩୧।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ମାଡେକେଲାରେ ଭାଜପାର କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁଡଭେଲା ମଣ୍ଡଳ ଅନ୍ତର୍ଗତ ଗୁଡଭେଲା, ଦେଉଳଗୁଡ଼ି, ମାଡ଼େକେଲା ଓ ତେତେଲଖୁଣ୍ଟି ଗ୍ରାମପଞ୍ଚାୟତର କର୍ମୀଙ୍କୁ ନେଇ ବୁଥ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଭାଜପା ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ ମହେନ୍ଦ୍ର ଠାକୁର, କୃଷକନେତା କାଳିଆ ସାହୁ, ଜିଲା ଓବିସି ମୋର୍ଚ୍ଚା ସଭାପତି ଅକ୍ଷୟ ରଣା, ଜିଲା ସମ୍ପାଦକ ଅଶୋକ ମିଶ୍ର, ଜିଲା ଉପସଭାପତି ଦୀନବନ୍ଧୁ ବେହେରା, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ନର୍ସିଙ୍ଗ ସିଂ, ଆଶିଷ ସାହୁ, ବିପିନ ଠାକୁର, ଯଶ ପାଣିଗ୍ରାହୀ, ଗୁଡଭେଲା ମଣ୍ଡଳ ସଭାପତି ସତ୍ୟବାନ ବାଗ, ଖଗେଶ୍ୱର ରଣା, ସମରା ମଣ୍ଡଳ ସଭାପତି ଭମର ସେଟ, ଶଗଡ଼ଘାଟ ମଣ୍ଡଳ ସଭାପତି ସୁଶାନ୍ତ ବନଛୋର ଉପସ୍ଥିତ ଥିଲେ। ଗୁଡଭେଲା ମଣ୍ଡଳ ସଭାପତି ସତ୍ୟବାନ ବାଗ ସଭା ପରିଚାଳନା କରିଥିଲେ। ଦଳକୁ ପ୍ରତ୍ୟେକ ବୁଥ୍‌ରେ କିପରି ମଜଭୁତ କରାଯାଇ ପାରିବ ସେଥିପ୍ରତି ସମସ୍ତ ମିଳିମିଶି କାର୍ଯ୍ୟ କରିବାକୁ ଜିଲା ସାଧାରଣ ସମ୍ପାଦକ ଜୈନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର,୩୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ପୌରାଧ୍ୟକ୍ଷା ଲିକା ସାହୁ। ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ୧ କୋଟି ୫୦ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୱାର୍ଡ ନମ୍ବର ୧୩, ୨୦, ୧୨, ୧୪, ୧୬, ୧୫ରେ ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ରାସ୍ତା, ଗୋଷ୍ଠୀଗୃହ, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସୁନ୍ନି ସଦର ମସଜିଦରେ ୫୦ ଲକ୍ଷ ଟଙ୍କାର ଅନୁଦାନ, ଲକ୍ଷ୍ମୀ ନାରାୟଣ ମନ୍ଦିରରେ ୨୦ ଲକ୍ଷ ଟଙ୍କାର ଅନୁଦାନରେ ଉନ୍ନୟନମୂଳକ କାର୍ଯ୍ୟ ହେବ। ଏଠାରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓ ଓ ପୌରାଧ୍ୟକ୍ଷା ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଲକ୍ଷ୍ମୀନାରାୟଣ ମନ୍ଦିରଠାରୁ କାଉନସିଲର ଏବଂ ଜନସାଧାରଣ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ଶମ୍ଭୁ ନାଗ, ଇସ୍ମତ ଆରା ଖାନ, ସନ୍ତୋଷିନୀ କୁଅଁର, ମହେନ୍ଦ୍ର ବାଗ, ସଞ୍ଜୁଲତା ଦନ୍ତା, ନନ୍ଦିନୀ ପୋଢ, ପ୍ରମିଳା ନାଏକ, କିଶୋର କୁମ୍ଭାର, ଶତ୍ରୁଘନ ବାଗ ଏବଂ ସାଗରିକା ଗୁରୁ, ଗାୟତ୍ରୀ ଭୋଇ, ଦମୟନ୍ତୀ ବାଗ, ଲିପିଶ୍ରୀ ସାଏ ଉପସ୍ଥିତ ଥିଲେ।



କଳିକେଶ ନାରାୟଣ ସିଂଦେଓ ଏବଂ ପୌରାଧ୍ୟକ୍ଷା ଲିକା ସାହୁ ଲକ୍ଷ୍ମୀନାରାୟଣ ମନ୍ଦିର ଉନ୍ନୟନ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ବିଶ୍ୱ କୁଷ୍ଠରୋଗ ନିବାରଣ ଦିବସ ପାଳିତ

ସଇଁତଳା,୩୧।୧(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ସାଇ କୁଷ୍ଠ ସେବାଶ୍ରମରେ ବିଶ୍ୱ କୁଷ୍ଠ ରୋଗ ନିବାରଣ ଦିବସ ପାଳିତ ହୋଇଯାଇଛି। ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁତଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମିତି ସଭ୍ୟା ଅମ୍ରିତା ଦୀପ, ସାମାଜିକ ସୁରକ୍ଷା ଅଧିକାରୀ ଭାନୁ ପ୍ରତାପ ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ନମିତା ବିଶି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭୋଇ କହିଥିଲେ ଯେ, ରୋଗୀ ଠିକ୍‌ଭାବେ ଔଷଧ ସେବନ କଲେ କୁଷ୍ଠରୋଗ ଦୂର ହେବ ବୋଲି କହିଥିଲେ। ଏହି ଅବସରରେ ସାଇ କୁଷ୍ଠ ସେବାଶ୍ରମଠାରେ ରହୁଥିବା ୨୪ଜଣ ଅନ୍ତେବାସିନୀଙ୍କୁ କ୍ଲିନନେସ କିଟ୍ ବଣ୍ଟନ କରାଯାଇଥିଲା।

## ଏନ୍‌ଏସି ଦାବିରେ ସରକାରୀ କାର୍ଯ୍ୟାଳୟ ବନ୍ଦ

ଲୋଇସିଂହା,୩୧।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଆଞ୍ଚଳିକ ବିକାଶ ପରିଷଦ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋଇସିଂହାକୁ ଏନଏସି ଦାବି କରାଯାଇ ଆସୁଛି। ପ୍ରାସ୍ତାବିତ ଏନଏସିକୁ ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହାକୁ ନେଇ ଆନ୍ଦୋଳନକାରୀ ମାସର ଶେଷ ବୁଧବାର ଲୋଇସିଂହା ଓ ବୁର୍ଡାରେ ଦୀର୍ଘ ମାସ ହେଲା ସରକାରୀ କାର୍ଯ୍ୟାଳୟ ବନ୍ଦ ପାଳନ କରି ଆସୁଛନ୍ତି। ବୁଧବାର ଲୋଇସିଂହା ଓ ବୁର୍ଡାରେ ଥିବା ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ପିକେଟିଂ କରି ବନ୍ଦ କରିଥିଲେ। ଫଳସ୍ୱରୂପ ବ୍ଲକ, ତହସିଲ, ଟ୍ରେଜେରି ଅଫିସ, ପୋଷ୍ଟ ଅଫିସ, ଏସବିଆଇ, ବିଡିସିସି ବ୍ୟାଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଲୋଇସିଂହା ଓ ବୁର୍ଡାରେ ଥିବା ଦେଶୀ ଓ ବିଦେଶୀ ମଦଭାଟିକୁ ବନ୍ଦ କରିଥିଲେ ଆନ୍ଦୋଳନକାରୀ। ୨୦୨୪ ନିର୍ବାଚନ ପୂର୍ବରୁ ପ୍ରାସ୍ତାବିତ ଏନଏସି ଉପରେ ରାଜ୍ୟ ସରକାର ଅବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବନ୍ଦ ପାଳନକାରୀ କହିଛନ୍ତି। କୁନା ଭୋଇ, ଦେବାଶିଷ ବିଶୋଇ, ମନୋଜ ବିଶି, ଲାଲମାନ ନାଗଙ୍କ ସମେତ ବହୁ ଆନ୍ଦୋଳନକାରୀ ପିକେଟିଂରେ ସାମିଲ ହୋଇଥିଲେ।

## ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଖପ୍ରାଖୋଲ, ୩୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଇସପାଳ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ସମ୍ମାନୀତ ଅତିଥି ଶିକ୍ଷାବତ୍ ରାଜାରାମ ବେହେରା ଯୋଗଦେଇଥିଲ। ନିଷ୍ଠାର ସହ ଅଧ୍ୟୟନ କଲେ ବିଦ୍ୟାର୍ଥୀମାନେ ଭଲ ମଣିଷ ହୋଇପାରିବେ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସମୀର ଦେବ ଚୌହାନ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନମିତା ମଣ୍ଡଳ ବାର୍ଷିକ ବିବରଣୀ ପାଠ କରିଥିଲେ।




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ସିବିଆଇ ତଦନ୍ତ ଦାବି କଲା ଭାଜପା କୃଷକ ମୋର୍ଚ୍ଚା

ବଲାଙ୍ଗୀର,୩୧।୧(ବୀରେନ୍ଦ୍ର କୁମାର ଝାଙ୍କର)

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଜିଲାରେ ଚାଷୀଙ୍କୁ ଧାନକିଣା ଅବ୍ୟବସ୍ଥାର ଶିକାର ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ଚାଷୀ ବିରୋଧ ନୀତି ବିରୋଧରେ ଭାଜପା କୃଷକ ମୋର୍ଚ୍ଚା ରାସ୍ତାକୁ ଓହ୍ଲାଇଛି। ଧାନ ମଣ୍ଡିର ଚରମ ଅବ୍ୟବସ୍ଥାକୁ ନେଇ ସିବିଆଇ ତଦନ୍ତ ଦାବି କରି ବଲାଙ୍ଗୀର ଭାଜପା ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବଲାଙ୍ଗୀର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରତିଲାଲ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଓ ଜନସାଧାରଣ ଯୋଗଦେଇ ରାଜ୍ୟ ସରକାରଙ୍କ ଅମଳରେ ଚାଷୀ ସର୍ବୋଚ୍ଚ ଶୋଷଣର ଶିକାର ହେଉଥିବା ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାରଙ୍କ ଚାଷୀ କଲ୍ୟାଣକାରୀ ଯୋଜନାକୁ ରାଜ୍ୟର ଶାସନ କଳ ହରିଲୁଟ୍ କରିଚାଲିଛି ବୋଲି କୁହାଯାଇଛି। ଏହି ଅବସରରେ ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟରେ ଥିବା ମଣ୍ଡିମାନଙ୍କରେ ସରକାରଙ୍କ ତରଫରୁ କିଣା ଯାଉଥିବା ଧାନରେ କୁଇଣ୍ଟାଲ ପ୍ରତି ୫ କିଲୋରୁ ୧୦ କିଲୋ ପର୍ଯ୍ୟନ୍ତ କଟନୀ କରାଯାଉଛି। ଏଥିସହିତ ମଣ୍ଡିରେ ଧାନ ଓଜନ ଓ ଅନ୍‌ଲୋଡିଂ ନାଁରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫୦ ଟଙ୍କା ଆଦାୟ କରାଯାଉଛି। ତେଣୁ ସରକାରଙ୍କ ଏପରି ଚାଷୀମାରଣ ନୀତି ବିରୋଧରେ ଭାଜପା ଆଗକୁ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଭାଜପା ନେତା ପିତାମ୍ବର ଖମାରୀ, ନାରାୟଣ ନାଥ, ସୀତାରାମ ପ୍ରଧାନ, ଦଶମୁ ସୁନା, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ମଧୁ ସାଏ, ନାରାୟଣ ନାଥ, ରିତୁରାଜ ପ୍ରଧାନ, ଶ୍ରୀକାନ୍ତ ବେହେରା, ରଘୁ ସାହୁ , ରାଜକିଶୋର ମେର୍ଲି ସାମିଲ ହୋଇଥିଲେ।



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ସୁବର୍ଣ୍ଣପୁର ନୂଆ ବସ୍‌ଷ୍ଟାଣ୍ଡ ଟେଣ୍ଡର ହୋଇନି

ସୋନପୁର,୩୧।୧(ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡ।

ସୁବର୍ଣ୍ଣପୁରବାସୀଙ୍କ ବହୁ ପ୍ରତୀକ୍ଷିତ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅଗଷ୍ଟ ୨୩ ତାରିଖରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏ ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାୟ ୫.୬୫ କୋଟି ବ୍ୟୟରେ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ପକ୍ଷରୁ ଏହା ନିର୍ମାଣ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ରାଜ୍ୟ ପୋଲିସ ହାଉସିଂ ବୋର୍ଡ ୩.୩୪ ଏକର ପରିମିତ ସ୍ଥାନରେ ବିଭିନ୍ନ ସୁବିଧା ଉପଲବ୍ଧ ଥିବା ବସଷ୍ଟାଣ୍ଡ ନିର୍ମାଣ କରିବ ବୋଲି ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନର ଇତିମଧ୍ୟରେ ୫ ମାସ ବିତିଲାଣି। କିନ୍ତୁ ଓଏସ୍‌ଆର୍‌ଟିସି ପକ୍ଷରୁ ଏଯାଏ ଟେଣ୍ଡର ଆହ୍ୱାନ କରାଯାଇନି। ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବରୁ ୨ଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ସମସ୍ତେ ଭୁଲିଗଲେ। ଇଟା ଖଣ୍ଡେ ବି ଯୋଡା ଗଲାନି। ସର୍ବନିମ୍ନ ମୌଳିକ ସୁବିଧା ନ ଥିବା ଏହି ବସଷ୍ଟାଣ୍ଡରେ ଯାତ୍ରୀମାନେ ଖରା ବର୍ଷାରେ ଅସୁବିଧା ଭୋଗୁଛନ୍ତି। ତେଣୁ ଜିଲାର ସଚେତନ ନାଗରିକ ବସଷ୍ଟାଣ୍ଡ ନିର୍ମାଣ ନେଇ ଆଶା ଆଶଙ୍କାରେ ରହିଛନ୍ତି।

ନୂତନ ବସ୍‌ଷ୍ଟାଣ୍ଡ ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ପୁରୁଣା ଟାଉନ ହଲ, ଭୀମଭୋଇ କଳାମଣ୍ଡପ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ଉକ୍ତ ଜମିକୁ ଓଏସ୍‌ଆର୍‌ଟିସି ନାମରେ ଆବଣ୍ଟିତ କରିଛି। ତେବେ ଜମିରୁ ଷ୍ଟଲ, ଶୌଚାଳୟ ଓ ପରୁଣା ଟାଉନ ହଲ ଉଚ୍ଛେଦ ହୋଇ ନ ଥିବାରୁ ଓଏସ୍‌ଆର୍‌ଟିସି ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଟେଣ୍ଡର ଆହ୍ୱାନ କରିପାରୁନି। ସୋନପୁର ତହସିଲଦାର ସେପ୍ଟେମ୍ବର ୨୬ରେ ଓ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଅକ୍ଟୋବର ୩ରେ ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଉକ୍ତ ସ୍ଥାନ ଖାଲି କରିବା ପାଇଁ କହିଥିଲେ। ନଭେମ୍ବର ୩ ତାରିଖରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୩୧ଟି ଷ୍ଟଲ ଉଚ୍ଛେଦ ହେବାକୁ ଥିବା ବେଳେ ଭଡା ନେଇଥିବା ୫୨ ଜଣ ଦୋକାନୀ ଏହି ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ଉଚ୍ଛେଦ ହେବାକୁ ଥିବା ଷ୍ଟଲଗୁଡିକୁ ଭଡା ନେଇଥିବା ଦୋକାନୀମାନଙ୍କୁ ବସଷ୍ଟାଣ୍ଡ ଅଞ୍ଚଳରେ ଥଇଥାନ ପୂର୍ବକ ଗୋଟିଏ ଲେଖାଏ ଷ୍ଟଲ ପ୍ରଦାନ କରିବାକୁ ଦାବି ହୋଇଥିଲା। ଏ ନେଇ ୬ଟି ପ୍ରସ୍ତାବ ଆଗତ ହୋଇଥିଲା। ନଭେମ୍ବର ୨୬ ତାରିଖରେ ଅନିଶ୍ଚିତତାରେ ସୁବର୍ଣ୍ଣପୁର ନୂଆ ବସଷ୍ଟାଣ୍ଡ

**ଭିତ୍ତିପ୍ରସ୍ତର ସ୍ଥାପନର ୫ ମାସ ବିତିଲା**

ଶୀର୍ଷକ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଜିଲାର ବୁଦ୍ଧିଜୀବୀ ଓ ବିରୋଧୀ ଦଳ ନେତାଙ୍କ ପକ୍ଷରୁ ବସଷ୍ଟାଣ୍ଡ କାମ ଆରମ୍ଭ ପାଇଁ ପ୍ରଶାସନ ଉପରେ ଚାପ ପଡିଥିଲା। ପୌର ପ୍ରଶାସନ ତତ୍ପର ହେବା ସହିତ ପୁରୁଣା ଟାଉନ ହଲକୁ ଇତିମଧ୍ୟରେ ଭାଙ୍ଗିଛି। ତେବେ ଭୀମଭୋଇ କଳା ମଣ୍ଡପ, ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟ, ଯାତ୍ରୀ ବିଶ୍ରାମଗାର ଓ ଷ୍ଟଲ(ଦୋକାନ ଘର) ଉଚ୍ଛେଦ ହୋଇପାରିନି। ଓଏସ୍‌ଆର୍‌ଟିସିକୁ ପ୍ରଦାନ କରା ଯାଇଥିବା ଜମିକୁ ଖାଲି କରିବା ପାଇଁ ଗତ ପୌର ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଇଂ ପଣ୍ଡା କହିଛନ୍ତି , କେତେକ ଦୋକାନୀ ଷ୍ଟଲଗୁଡିକୁ ଖାଲି କଲେଣି। ୨ ରୁ ୩ ଦିନ ପରେ ଭୀମଭୋଇ କଳା ମଣ୍ଡପକୁ ଭଙ୍ଗାଯିବ। ଓଏସ୍‌ଆର୍‌ଟିସି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି।

# ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯିବ

ବୌଦ୍ଧ,୩୧।୧(ଅଜିତ କୁମାର ବାରିକ)

**ବୌଦ୍ଧରେ ନୂତନ ଜିଲାପାଳ ଭାବେ ଯୋଗଦେଲେ ଜେ. ସୋନାଲ**


କାର୍ଯ୍ୟାଳୟରେ ନୂତନ ଜିଲାପାଳ ଜେ. ସୋନାଲ।

ବୌଦ୍ଧର ନୂତନ ଜିଲାପାଳ ଭାବେ ବୁଧବାର ଅପରାହ୍ଣରେ ଜେ. ସୋନାଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଜିଲାର ଉନ୍ନତି ପାଇଁ ନୂତନ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁରଙ୍କ ସମତେ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ନୂତନ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ସାକ୍ଷାତକାରରେ କହିଥିଲେ, ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯିବ। ଆଗକୁ ନିର୍ବାଚନ ଥିବାରୁ ଆମକୁ ନିର୍ବାଚନ କମିଶନରଙ୍କ ନିୟମ ଅନୁଯାୟୀ ଜିଲାରେ ଯେପରି ନିର୍ବାଚନ ନିରପେକ୍ଷ ଓ ସଠିକ ଭାବେ ହୋଇପାରିବ ସେନେଇ ଗୁରୁତ୍ୱ ଦିଆଯିବ ସହ ଜିଲାର ଉନ୍ନତି ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଯୋଗଦାନ ପରେ ଜିଲାପାଳ ଜେ. ସୋନାଲ ବୌଦ୍ଧ ସହରର ଜଗନ୍ନାଥ ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର ସହ ଆଳତୀ ଘାଟ, ମର୍ଯ୍ୟାକୁଦ ନିର୍ମାଣାଧୀନ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ । ନୂତନ ଜିଲାପାଳ ଜେ. ସୋନାଲ ପୂର୍ବରୁ ବ୍ରହ୍ମପୁର ମ୍ୟୁନିସିପାଲ କୋର୍ପୋରେଶନର କମିଶନର ଭାବରେ କାର୍ଯ୍ୟରତ ଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଗଛ ନଷ୍ଟ କଲା ବାଉଁଶୁଣୀ ପୋଲିସ

ବାଉଁଶୁଣି, ୩୧।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପୋଲିସି ବୁଧବାର ରଙ୍ଗମାଟିଆ ଗ୍ରାମ ଜଙ୍ଗଲରେ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରିଛି । ଉକ୍ତ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ହୋଇଥିବା ସୂଚନା ପାଇବା ପରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ପୋଲିସ ଚଢାଉ କରିଥିଲା । ସେଠାରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଥିବା ସୂଚନା ମିଳିଛି । ଚଢାଉରେ ପୋଲିସ କର୍ମଚାରୀଙ୍କ ସମେତ ରାଜସ୍ୱ ଓ ବନବିଭାଗ କର୍ମଚାରୀ ସାମିଲ ଥିଲେ ।

### ତରଭା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ତରଭା,୩୧।୧(ମାନଭଞ୍ଜନ ମିଶ୍ର)

ତରଭାର ଏ.ଇ.ଏସ୍ ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ଅଧକ୍ଷା ମିନତୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ତରଭା ଫାୟାର୍ ଅଫିସର ଅନିଲ କୁମାର ମିଶ୍ର ଯୋଗଦାନ କରିଥିଲେ। ଆତ୍ମସୁରକ୍ଷା କୌଶଳ ଶିକ୍ଷାର ସଂଯୋଜିକା ବିନତୀ ମିଶ୍ର ଏବଂ ଖେଳ ଶିକ୍ଷକ ସଞ୍ଜୀବ ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଡେପୁଟି ସଂଯୋଜିକା ଡ଼. ସରୋଜିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସଚେତନତା ଶିବିର

ବାଉଁଶୁଣୀ,୩୧।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ବୁଧବାର ଦିନ ମହିଳାମାନଙ୍କୁ ନେଇ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ସମନ୍ୱୟ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ ମୀନତୀ ଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ବାଉଁଶୁଣୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପରେଶ କୁମାର ପଟ୍ଟନାୟକ, କ୍ଷେତ୍ର ଅଧିକାରୀ ସନ୍ଦିପ କୁମାର,ସମିତି ସଭ୍ୟ ପ୍ରମୋଦ ଦେହୁରୀ, ସୁପରଭାଇଜର ସୁନିତା ଦାସ, ବାଉଁଶୁଣୀ ପଞ୍ଚାୟତ ଜିଆରଏସ ପ୍ରମୋଦିନୀ ତରିଆ, ଜଗଦୀଶ ବୁଦୁଲା, ସମ୍ବିତ ବିଶଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ। ଅଙ୍ଗନବାଡ଼ି କର୍ମୀମାନେ ଅଙ୍କୁର ଦିବସ, ଅନ୍ନପ୍ରାସନ୍ନ, ସ୍ୱାଦଖିଆ ଦିବସ ଭଳି ଅନେକ ପୁଷ୍ଟିକର ଖାଦ୍ୟ ତିଆରି କରି ପ୍ରଦର୍ଶନୀ କରିଥିଲେ। ଏହି ପ୍ରଦର୍ଶନୀ କୁ ଅଙ୍ଗନବାଡ଼ି ସୁପରଭାଇଜର ସୁନିତା ଦାସ ତଦାରଖ କରିଥିଲେ। ପାଲା ଓ ଦାସକାଠିଆ ମାଧ୍ୟମରେ ଏହି ସଚେତନତା କରାଯାଇଥିଲା।

# କେନ୍ଦୁପାଲିକୁ ହରାଇ ଉଫୁଲା ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି।

ଅମରପାଲି,୩୧।୧(ପୀତାମ୍ବର ସାହୁ)

**୫ମ ଦାଦରପାଲି କ୍ରିକେଟ କପ୍**

- **ଆକାଶ ଦାସ ମ୍ୟାନ୍ ଅଫ୍ ଫାଇନାଲ**
- **ବିକ୍ରମ ଗୁଡୁରିଆ ମ୍ୟାନ୍ ଅଫ୍ ସିରିଜ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ହେଉଥିବା ପଞ୍ଚମ ଦାଦରପାଲି କ୍ରିକେଟ କପ୍‌ର ଫାଇନାଲ ରେ କେନ୍ଦୁପାଲିକୁ ହରାଇ ଉଫୁଲା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କେନ୍ଦୁପାଲି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ଉଫୁଲା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ କେନ୍ଦୁପାଲି ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ହରାଇ ୫୮ ରନ କରିଥିବା ବେଳେ ଉଫୁଲା ୪ ଓଭରରେ ଗୋଟିଏ ଉଇକେଟ ହରାଇ ୫୯ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପର-୨ ଓଭର ଖେଳା ଯାଇଥିଲା। ଏଥିରେ ଉଫୁଲା ୩୦ ରନ କରିଥିବା ବେଳେ କେନ୍ଦୁପାଲି ୧୩ ରନ କରି ପରାସ୍ତ ହୋଇଥିଲା। ଫଳରେ ଉଫୁଲା ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ପୂର୍ବତନ ସରପଞ୍ଚ ରଞ୍ଜିତ କ୍ଷେତି, ସମିତିସଭ୍ୟା ପ୍ରତିନିଧି ଲମ୍ବୋଦର ମହାକୁର, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ସ୍ଥାନୀୟ ନାଏବ ସରପଞ୍ଚ ସୁରେଶ ପ୍ରଧାନ, ସଂଗ୍ରାମ ଭୋଇ, ପବିତ୍ର ପର୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁପାଲି ର ଆକାଶ ଦାସଙ୍କୁ ମ୍ୟାନ୍ ଅଫ୍ ଫାଇନାଲ ଓ ଉଫୁଲାର ବିକ୍ରମ ଗୁଡୁରିଆଙ୍କୁ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଉଫୁଲା ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ କେନ୍ଦୁପାଲି ଦଳକୁ ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ବିଜୟ ପ୍ରଧାନ ଓ ପିଣ୍ଟୁ କର୍ମୀ ପରିଚାଳନା କରିଥିବା ବେଳେ ଶ୍ୟାମ ସୁନ୍ଦର ନାୟକ ସ୍କୋରିଂ ଏବଂ ସନତ ମହାକୁର ଓ ବିହାରୀ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ଅମରପାଲି,୩୧।୧(ପୀତାମ୍ବର ସାହୁ)

ବୀରମହାରାଜପୁର - ସୋନପୁର ରାସ୍ତାର ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ନିକଟରେ ଘଟିଥିବା ସଡକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଗ୍ରାମର ଈଶ୍ୱର ଜଗଦଲା (୨୯) । ସେ କୌଣସି କାର୍ଯ୍ୟରେ ବୀରମହାରାଜପୁରରୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍ (ନଂ ଓଡି ୨୩ ଡି ୪୧୫୧)କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଈଶ୍ୱରଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି । ଗୁରୁବାର ଦିନ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ମୃତକଙ୍କ ଶାଳକଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା ( ନଂ ୪୦/୨୪)ରୁଜୁ ହୋଇଛି। ମୃତ ଯୁବକ ଜଣକ ବିବାହିତ ହୋଇଥିବା ବେଳେ ପୂର୍ବରୁ ତାଙ୍କର ଏକମାତ୍ର ପୁତ୍ରଙ୍କ ମୃତ୍ୟୁ ହୋଇଥିଲା। ସେ ବିଭିନ୍ନ ଯାତ୍ରାରେ ଚଷମା ବିକ୍ରି କରି ପରିବାର ଚଳାଉ ଥିଲେ। ପରିବାରରେ ତାଙ୍କର ବିଧବା ମା ଓ ସ୍ତ୍ରୀ ଅଛନ୍ତି।

# ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଘଣ୍ଟାପଡ଼ା,୩୧।୧(ପ୍ରଭାତ କୁମାର ସାହୁ)

**୧୨ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ହାଇସ୍କୁଲ ଆଦର୍ଶ ଖେଳ ପଡିଆରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲା ଶିକ୍ଷା ବିଭାଗ ଦ୍ୱାରା ଏହି ଶିବିର ହୋଇଥିଲା । ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧକ୍ଷ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୧ନଂ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ଆୟୋଜକ କମିଟିର ସଂପାଦକ ତଥା ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା, ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଆନନ୍ଦ ବେହେରା ଓ ବୌଦ୍ଧ ଜୁନିୟର ରେଡକ୍ରସ ଅଧିକାରୀ ନବ କିଶୋର ଦୀପ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ସ୍ୱାସ୍ଥ୍ୟର ଯତ୍ନ ନେବା ସହ ସେବା ଓ ବନ୍ଧୁତା ରଖିଲେ ଜୀବନ ସାର୍ଥକ ହୋଇଥାଏ । ଏହାଛଡା ଉଚ୍ଚ ଅଭିଳାଷୀ ହେଲେ ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ ବୋଲି ମତ ରଖିଥିଲେ । ପ୍ରଶିକ୍ଷଣ ଶିବିର ଅବସରରେ ଅନୁଷ୍ଠିତ ନାଚ, ଗୀତ, ବକ୍ତୃତା ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ସହ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପାଇଁ ମନୋନୀତ କରାଯାଇଛି । ସେମାନେ ହେଲେ ପ୍ରିୟଙ୍କା ଭୁକ୍ତା, ପ୍ରିୟମ୍ବଦା ସାହୁ, ସତ୍ୟିକ ରଣା, ପ୍ରତ୍ୟୁଷ ପ୍ରିୟଦର୍ଶିନୀ କୁମ୍ଭାର, ଚନ୍ଦ୍ରମା ସାହୁ, ପ୍ରତିଭା ସାହୁ, ଅଙ୍କିତ ପ୍ରଧାନ, ସୁନେଲି ମିଶ୍ର, ଦେବାନନ୍ଦ ବିଶି, ଅନୁଭବ ମେହେର, ରେଶ୍ମା ମାଝୀ ଓ ଅରୁଣ ମିଶ୍ର । ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ନବକିଶୋର ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉକ୍ତ ଶିବିରରେ ସ୍ଥାନୀୟ ହାଇସ୍କୁଲର ଶିକ୍ଷକ, କର୍ମଚାରୀ ଓ ଜିଲାର ଉପସ୍ଥିତ ଥିବା ଶିକ୍ଷକ ସହଯୋଗ କରିଥିଲେ।

# ନୂଆ ଜିଲାପାଳଙ୍କ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ସୋନପୁର,୩୧।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ନୂଆ ଜିଲାପାଳ ଅନ୍ୟା ଦାସ ବୁଧବାର ପ୍ରସୂତିକାଳୀନ ମାତୃ ଏବଂ ଶିଶୁ ସ୍ୱାସ୍ଥକେନ୍ଦ୍ର ପରିଦର୍ଶନ କରିଛନ୍ତି। ସକାଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ଅବସରରେ ସେ ପ୍ରଥମେ ବର୍ହିବିଭାଗ ଟିକେଟ୍ ଗୃହ, ନିରାମୟ କେନ୍ଦ୍ର ଆଦି ବୁଲି ରୋଗୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ପରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର ଓ ପ୍ରସୂତି ୱାର୍ଡ ବୁଲି ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଚିକିତ୍ସାସେବା ସମ୍ପର୍କରେ ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଅଳିଆ ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ଉଭୟ ଡାକ୍ତରଖାନା କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ନିର୍ମାଣାଧୀନ ୭ ମହଲା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠାକୁ ବୁଲି ଦେଖିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଏଡିଏମ୍‌ଓ ଡା. ଦୁର୍ଗାଦତ୍ତ ଦାଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜକ ବିଶ୍ୱମ୍ବର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।


ଜିଲାପାଳ ଅନ୍ୟା ଦାସ ରୋଗୀ, ଡାକ୍ତର ଓ କର୍ମଚାରୀଙ୍କ ସହିତ ଆଲୋଚନା କରୁଛନ୍ତି।

# ଶିକ୍ଷକ ବଦଳିକୁ ନେଇ ତେଲିପାଲି ୟୁପି ସ୍କୁଲରେ ତାଲା

ଅମରପାଲି,୩୧।୧(ପୀତାମ୍ବର ସାହୁ)


ସ୍କୁଲ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି।

- **ସ୍କୁଲ ଆଗରେ ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ**
- **ଆଲୋଚନା ବିଫଳ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ତେଲିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ବୁଧବାର ସ୍କୁଲ ଫାଟକରେ ତାଲା ମାରି ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି ।

ପ୍ରକାଶ ଯେ, ଉକ୍ତ ସ୍କୁଲର ସହକାରୀ ଶିକ୍ଷକ ସୁଶାନ୍ତ ମିଶ୍ରଙ୍କୁ ଲୁଡୁରପଙ୍କ କ୍ଲଷ୍ଟରର କେଶଲଗା ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଛି। ତେବେ ଉକ୍ତ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରି ପୁନର୍ବାର ତେଲିପାଲି ସ୍କୁଲରେ ନିଯୁକ୍ତି ଦେବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି । ତେଲିପାଲି ସ୍କୁଲ ଅଞ୍ଚଳର ଏକ ସର୍ବପୁରାତନ ଓ ପ୍ରତିଷ୍ଠିତ ସ୍କୁଲ। ୧୯୬୨ ମସିହାରେ ପ୍ରତିଷ୍ଠିତ ଉକ୍ତ ସ୍କୁଲରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଏହି ୮ଟି ଶ୍ରେଣୀ ପାଇଁ ପ୍ରାୟ ୮୨ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏମାନଙ୍କୁ ପଢ଼ାଇବା ପାଇଁ ୫ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଥିଲେ। ତେବେ ଗତ ୨୯ ତାରିଖରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୧୧୧/୨୯ ଅନୁସାରେ ବ୍ଲକର ପ୍ରାୟ ୧୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ହୋଇଛି। ଏଥିରେ ଉକ୍ତ ସ୍କୁଲର ଶିକ୍ଷକ ସୁଶାନ୍ତ ମିଶ୍ରଙ୍କୁ ବହଳପଦର ପଞ୍ଚାୟତର କେଶଲଗା ପ୍ରାଥମିକ ସ୍କୁଲକୁ ବଦଳି ହୋଇଛି। ଏନେଇ ଉକ୍ତ ଶିକ୍ଷକଙ୍କୁ ରିଲିଭ ମଧ୍ୟ କରାସାରିଛି। ତେବେ ବଦଳି ପ୍ରତିବାଦ କରି ଛାତ୍ରୀଛାତ୍ର ଓ ଅଭିଭାବକ ବୁଧବାର ପୂର୍ବାହ୍ନ ୧୦ଟାରେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସ୍କୁଲ ପରିଚାଳନା କମିଟିର ସଦସ୍ୟ ମଧ୍ୟ ସାମିଲ ହୋଇଛନ୍ତି। ତାଲା ପଡିବାରୁ ସ୍କୁଲକୁ ଶିକ୍ଷୟିତ୍ରୀ,ଶିକ୍ଷକ ଯାଇ ପାରି ନ ଥିଲେ। ଏପରି କି ପିଲାଙ୍କ ମଧ୍ୟାହ୍ନ ଭୋଜନ ମଧ୍ୟ ବନ୍ଦ ରହିଛି। ଖବର ପାଇ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଶିକ୍ଷା ଅଧିକାରୀ ବାଞ୍ଛାନିଧି ମିଶ୍ର ଓ ଚକାବର କ୍ଲଷ୍ଟରର ସିଆରସିସି ଉମାଶଙ୍କର ପୂଝାରୀ ସ୍କୁଲକୁ ଯାଇ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟଙ୍କ ସହିତ ଆଲୋଚନା କରି କିଛି ଦିନ ମଧ୍ୟରେ ଜଣେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି କରାଯିବ ବୋଲି ପ୍ରକାଶ କରିଥିଲେ। ମାତ୍ର ଏଥିରେ କେହି ରାଜି ହୋଇ ନ ଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରି ପୁନର୍ବାର ଅବସ୍ଥାପିତ କରିବାକୁ ଅଡି ବସି ଥିଲେ । ଫଳରେ ଆଲୋଚନା ବିଫଳ ହୋଇଛି । ଏନେଇ ସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଘିବିଲାଙ୍କୁ ପଚାରିବାରୁ ଶିକ୍ଷକ ବଦଳି ପ୍ରତିବାଦରେ ତାଲା ପଡ଼ିଥିବା ପ୍ରକାଶ କରିଛନ୍ତି। ଏନେଇ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରେ ନିୟମ ହିସାବରେ ଶିକ୍ଷକଙ୍କ ବଦଳି ହୋଇଛି। ତେବେ ନୂତନ ଶିକ୍ଷକ ନିଯୁକ୍ତି ହେଲେ ଏଠାରେ ଜଣେ ଶିକ୍ଷକଙ୍କୁ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବସ୍ ଆସିଲାନି, ପୁରୀ ଯିବା ଅଧୁରା ରହିଲା

ସୋନପୁର,୩୧।୧(ମୃତ୍ୟୁଞ୍ଜୟ ଶତପଥୀ)

ଭକ୍ତଙ୍କ ପାଇଁ ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରୁ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଶ୍ରଦ୍ଧାଳୁମାନେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ ଯୋଗେ ପୁରୀ ଯାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ଜିଲାପାଳ ଅନ୍ୟା ଦାସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ତେବେ ଆବଶ୍ୟକ ସଂଖ୍ୟକ

### ଅବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ବସ୍ ନ ଆସିବାରୁ ଶତାଧିକ ଶ୍ରଦ୍ଧାଳୁ ପୁରୀ ଯାଇ ନ ପାରି ଘରକୁ ଫେରିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ସହରରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ୧୦୯ ପଞ୍ଚାୟତରୁ ୨୦ଜଣ ଲେଖାଏ ଓ ସୁବର୍ଣ୍ଣପୁର, ବିନିକା ଏବଂ ତରଭା ସହରର ପ୍ରତ୍ୟେକ ୱାର୍ଡରୁ ୨୦ଜଣ ଲେଖାଏ ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା। ଆଞ୍ଚଳିକ ପରିବହନ ବିଭାଗ ଜରିଆରେ ବରଗଡ ଓ ବଲାଙ୍ଗୀର ଜିଲାରୁ ୭୬ଟି ଯାତ୍ରୀବାହୀ ବସ ମଗାଯାଇଥିଲା। କିଛି ସ୍ଥାନରେ ପୁରୁଣା ବସ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରଦ୍ଧାଳୁ ଚୟନରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ନିର୍ବାଚିତ ଲୋକ ପ୍ରତିନିଧିମାନେ ନିଜ ନିଜର ସମର୍ଥକଙ୍କୁ ପୁରୀ ନେବାରେ ସକ୍ଷମ ହୋଇଛନ୍ତି। ତେବେ ଆବଶ୍ୟକ ସଂଖ୍ୟକ ବସ୍ ନ ଆସିବାରୁ ସୁବର୍ଣ୍ଣପୁର ସହରର ୧୦, ୧୧ ଓ ୧୩ ନମ୍ବର ୱାର୍ଡର ଜଣେ ବି ଶ୍ରଦ୍ଧାଳୁ ଯାଇ ପାରି ନ ଥିଲେ। ସେହିପରି ୧୪ ନମ୍ବର ୱାର୍ଡର ୧୦ ଜଣ ଶ୍ରଦ୍ଧାଳୁ ଯାଇଥିବା ବେଳେ ଅନ୍ୟ ୧୦ଜଣ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ସହର ର ଥନାପତିପଡାର ଗୋପୀନାଥ ମଲ୍ଲିକ(୭୦) କୁହନ୍ତି ତାଙ୍କୁ ପୁରୀ ଯିବା ପାଇଁ କୁହା ଯାଇଥିଲା। ସେ ବସ୍‌ରେ ଯିବା ପାଇଁ ଅପେକ୍ଷା କରି ରହିଥିଲେ। ମାତ୍ର ବସ ନ ଥିବାରୁ ସେ ଘରକୁ ଫେରିଥିଲେ। ପଡାର ବିଜୟ ଥପ୍ପାଙ୍କ ସମେତ ଅନ୍ୟ ୩ଟି ୱାର୍ଡର ୬୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ସମାନ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଏହାପରଠୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସୁଖଦ ଅନୁଭୂତି ନେବା ସହ ଆନନ୍ଦ ଲାଭ କରୁଛନ୍ତି। ଏହି ପ୍ରକଳ୍ପର ସୁନ୍ଦର ଅନୁଭବ ଦେବା ପାଇଁ ରାଜ୍ୟ ସରକାର ରାଜ୍ୟର ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି।

# ଲୁକ୍କାୟିତ ଐତିହ୍ୟ ଲୋକଲୋଚନକୁ ଅଣାଯାଇପାରିବ



ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି।

ବୌଦ୍ଧ,୩୧।୧ (ଅଜିତ କୁମାର ବାରିକ)

### ହରଭଙ୍ଗା ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ଗତ ଶନିବାରଠାରୁ ୫ ଦିନ ଧରି ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ନେଇ ହରଭଙ୍ଗାଠାରେ ଚାଲିଥିବା ଦ୍ୱିତୀୟ ହରଭଙ୍ଗା ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳା ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଦ୍ୱିତୀୟ ଥର ପାଇଁ ହରଭଙ୍ଗା ମାଟିରେ ମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଲୋକକଳା ଓ ସାଂସ୍କୃତିକ ପରିଷଦର ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରିୟନାଥ ଶର୍ମା, ଶଙ୍କୁଲୋଇ ସରପଞ୍ଚ ସୁସ୍ମିତା ଛନ୍ଦ, ସମିତିସଭ୍ୟା ରଶ୍ମିତା ମହାକୁଡ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା . ମହୋତ୍ସବ କମିଟି ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ସମ୍ପାଦକ ସରୋଜ କୁମାର ଭୋକ୍ତା ମଞ୍ଚାସୀନ ଥିଲେ । ଅତିଥିମାନେ ହରଭଙ୍ଗାର ଲୁକ୍କାୟିତ ଐତିହ୍ୟକୁ ଏହି ମହୋତ୍ସବ ଦ୍ୱାରା ଲୋକଲୋଚନକୁ ଅଣାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ମହୋତ୍ସବର ସଫଳତା ପାଇଁ ହରଭଙ୍ଗା ଥାନା ଅଧିକାରୀ, ହରଭଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ,ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ବିଭାଗ, ସାମ୍ବାଦିକ, ପୋଷ୍ଟ ମାଷ୍ଟର , ଲାଇଟ ଆଣ୍ଡ ସାଉଣ୍ଡ, କଲେଜ ଛାତ୍ରୀଛାତ୍ର, ଡ୍ରାଇଭର ମହାସଂଘ, ୩ଜଣ ସ୍ୱେଚ୍ଛାସେବୀ, ଫୁଲବାଣୀ ଡ୍ୟାନ୍ସ ଏକାଡେମୀ, ସ୍ୱୟଂ ସହାୟକ ଦଳ ଏବଂ ଗ୍ରାମର ମୁଖିଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି କୋଷାଧ୍ୟକ୍ଷ ପ୍ରମୋଦ ଖମାରୀ, ପ୍ରକାଶ ବେହେରା, ମାନଭଞ୍ଜନ ନାୟକ, ନଟବର ପ୍ରଧାନ, ପ୍ରୀତିରଞ୍ଜନ ଦାସ, ବବଲୁ ଖଡିରନ୍ତ, ଶ୍ରୀନିବାସ ସାହୁ, ଲିଙ୍କନ ପଲ୍ଲିଆ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସାହ୍ଲେପାଲି ଚାଷୀମୃତ୍ୟୁ ଘଟଣା: ଥାନାରେ ୨ମାମଲା ରୁଜୁ

ଭେଡ଼େନ,୨୮।୧(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ସାହ୍ଲେପାଲି ଚାଷୀମୃତ୍ୟୁ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଏହି ଘଟଣାକୁ ନେଇ ପୋଲିସ ପୃଥକ ୨ମାମଲା ରୁଜୁ କରିଛି । ମୃତଚାଷୀ ସାଧୁ ସାହୁଙ୍କ ପୁଅ ଆଶିଷଙ୍କ ଏତଲାକ୍ରମେ ଗ୍ରାମର ସୁନାଧର ସାହୁ ଏବଂ ଶିଶିର ପ୍ରଧାନଙ୍କ ବିରୋଧରେ ଏକ ହତ୍ୟା ମାମଲା (ନଂ.୨୩/୨୦୨୪) ରୁଜୁ ହୋଇଛି । ଅନ୍ୟପଟେ ସୁନାଧରଙ୍କ ସ୍ତ୍ରୀ ମାଳତୀଙ୍କ ଏତଲାକୁ ଭିତ୍ତିକରି ଟ୍ରାକ୍ଟର ବ୍ୟାଟେରୀ ଚୋରି, ଗାଡ଼ି ଭଙ୍ଗାରୁଜା, ହତ୍ୟା ଧମକ ଅଭିଯୋଗରେ ପୋଲିସ ଗ୍ରାମର ୫୦ଜଣଙ୍କ ବିରୋଧରେ ଏକ ମାମଲା(ନଂ.୨୫।୨୦୨୪) ରୁଜୁ କରିଛି। ତେବେ ଉପରୋକ୍ତ ଉଭୟ ମାମଲାରେ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରି ନାହିଁ ।

ପ୍ରକାଶଥାଉକି, ଗତ ସୋମବାର ରାତିରେ ଚାଷୀ ସାଧୁଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସୁନାଧର ଏବଂ ଶିଶିର କରଜ ଟଙ୍କା ଅସୁଲି ଉଦ୍ଦେଶ୍ୟରେ ମୃତଚାଷୀଙ୍କୁ ଗାଡ଼ିରେ ନେଇ ଯାଇଥିଲେ ଏବଂ ତାଙ୍କୁ ବିଷ ପିଆଇ ହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସୁନାଧର, ଶିଶିରଙ୍କୁ ଗିରଫ ଦାବି ନେଇ ମଙ୍ଗଳବାର ଥାନା ସମ୍ମୁଖରେ ଶବ ରଖି ଗ୍ରାମବାସୀ, ପରିବାର ଲୋକେ ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ବିଳମ୍ବିତ ରାତିରେ ଶବ ନେଇ ଗ୍ରାମକୁ ଯାଇଥିଲେ ।

# ଓଡ଼ିଆ ଭାଷାର ପୁନରୁଦ୍ଧାର ହେବା ଏକାନ୍ତ ଆବଶ୍ୟକ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ,୩୧।୧( ଜୟନାରାୟଣ ମେଣ୍ଡୁଲୀ)

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ନୂଆ-ଓ , ଯୁବ ଓଡିଶା - ନବୀନ ଓଡ଼ିଶା ଅନ୍ତର୍ଗତ ଭାଷା ସାହିତ୍ୟ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବୀନ୍ଦ୍ର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁତ୍ରା ସରକାରୀ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୌତମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଦେବେନ୍ଦ୍ର ପୁରୋହିତ, ମହେନ୍ଦ୍ର ସିଂ, ପ୍ରଶାନ୍ତ ସାହୁ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଷୟରେ ଆଲୋକପାତ କରିବା ସହିତ ଭାଷା ଜ୍ଞାନ ନ ରହିଲେ ସାହିତ୍ୟ ,ସଂସ୍କୃତି, ପରମ୍ପରା ବଞ୍ଚି ରହିବା ଅସମ୍ଭବ ବୋଲି କହିଥିଲେ। ତେଣୁ ଓଡ଼ିଆ ଭାଷାର ପୁନରୁଦ୍ଧାର ହେବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ଓଡିଶା ସରକାର ଭାଷା, ସଂସ୍କୃତି ସୁରକ୍ଷା ପାଇଁ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରଞ୍ଜିତ ମହାରଣା, ଶୁଭ୍ରାଂଶୁ କୁମାର ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅମର ଜିତ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜିତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳକ ସହ ୪ ଗିରଫ

ବିନିକା,୩୧।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ବିନିକା ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲାର ନୂତନ ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ୍ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୨ତାରିଖ ସନ୍ଧ୍ୟାରେ ମଣିଙ୍ଗା ଦେଶୀଭାଟିରୁ କାମ ସାରି କୁନ୍ଦନ କୁମାର(୨୩) ୨୨ହଜାର ଟଙ୍କା ଧରି ସାଇକେଲ ଯୋଗେ ବିନିକା ପଟକୁ ଆସୁଥିଲେ । ତେବେ ସିନ୍ଧୁରପୁର ଗଣେଶପୁର ରାସ୍ତାରେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଧମକ ଚମକ ଦେଇ ଟଙ୍କା ଲୁଟି ନେଇ ଫେରାର ମାରିଥିଲେ। କୁନ୍ଦନ ଏହି ଘଟଣାରେ ବିଶାଳ ପାଲି ଗ୍ରାମର ଗୋପାଳ କିଶୋର ଛତ୍ର(୩୨)ଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ ୨୫, ଆଇପିସି ୩୯୪, ୩୪ ଧାରାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋପାଳଙ୍କୁ ଧରିଥିଲେ । ତାଙ୍କ ଠାରୁ ସୂଚନାପାଇ ଅନ୍ୟ ଅଭିଯୁକ୍ତ ଫୁଲମୁଠି ଗ୍ରାମର ସୁନିଲ ଛତ୍ରିଆ(୨୫), ଡଭଲା ଗ୍ରାମର ଯୋଗେଶ ସୁନା(୩୦),ଗୋପାଳ ଏବଂ ଜଣେ ନାବାଳକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଡ଼ଗାଁ,୩୧।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଚନ୍ଦନ କୁମାର୍ ବେଉରା ଚାକିରିରୁ ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଦଶରଥ ନାଏକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରାଧ୍ୟାପକ ବେଉରା ତାଙ୍କ ଦୀର୍ଘ ୩୬ ବର୍ଷର ଅଧ୍ୟାପନା ସହ ଅନ୍ୟାନ୍ୟ କାର୍ଯ୍ୟରେ ତାଙ୍କର ଭୂମିକା ଓ କର୍ମଚାରୀଙ୍କ ପୂର୍ଣ୍ଣ ସହଯୋଗ ପାଇଥିଲେ ବୋଲି ପ୍ରକାଶ କରିଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଧୁଲେଶ୍ୱର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଏସ୍‌ଡିସି ଉପଦେଷ୍ଟାଙ୍କ ଆଗରେ ପ୍ରସ୍ତାବ ରଖିଲା ଗୋଁଣ୍ଡ ମହାସଭା

ବ୍ରଜରାଜନଗର,୩୧।୧(ବିଜୟ ବରାଡ଼)

ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଉପଦେଷ୍ଟା ପ୍ରଦୀପ ମାଝିଙ୍କ ଝାରସୁଗୁଡ଼ା ଗସ୍ତ ଅବସରରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ତରଫରୁ ସ୍ଥାନୀୟ ଗୋଁଣ୍ଡ ଭବନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ଗୁଡ଼ିମାନଙ୍କରେ ଜଙ୍ଘା ବଡଦେଓ ମନ୍ଦିର ନିର୍ମାଣ, ବଡ଼ଦେଓ ଅନ୍‌ଲାଇନ ପାଠାଗାର ପାଇଁ କମ୍ପ୍ୟୁଟର ଆଦି ଯୋଗାଣ, ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକକୁ ଆଇଟିଡିଏ ଘୋଷଣା ତ୍ୱରାନ୍ୱିତ, କୋଲାବିରା ବ୍ଲକର ଆଦିବାସୀ ଜନସଂଖ୍ୟା ଭିତ୍ତିରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଇଥିବା ପ୍ରସ୍ତାବର କାର୍ଯ୍ୟକାରୀ, ଆଇଟିଡିଏ ମାନ୍ୟତା ପାଇଥିବା ଲଇକେରା ଓ କିର୍ମିରା ବ୍ଲକର ତ୍ରିସ୍ତରୀୟ ପଞ୍ଚାୟତିରାଜ ସିଡ୍ୟୁଲ ୫ ଅନୁଯାୟୀ ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ପଦରେ ଆଦିବାସୀଙ୍କୁ ନିଯୁକ୍ତି ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଉପଦେଷ୍ଟା ମାଝି ଏହି ପ୍ରସ୍ତାବଗୁଡିକ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସଞ୍ଜୁଲତା ପାଉଲେ, ରାକ୍ଷୀ ମୁଣ୍ଡା, ଜିଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ଚିନ୍ତାମଣି କାଲୋ, ବୀର ଧୁରୁଆ, ରାଜେଶ ନେଟି, ବାସୁଦେବ ଧୁରୁଆ, କ୍ଷମାଶୀଳ ନାଏକ, ତୁଳସୀ ନେଟି, ସୁରମା ନାଏକ, ଯଶୋଦା ନାଏକ, ତିଲୋତ୍ତମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଦର୍ହା ଶୈବପୀଠ ଉନ୍ନୟନ କାମ ସମୀକ୍ଷା କଲେ ଏଡିଏମ୍

ପଦ୍ମପୁର, ୩୧।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅତିରିକ୍ତ ଜିଲାପାଳ କୁଣାଳ ଚୌହାନ ଚର୍ଦାପାଲି ଗ୍ରାମ ପଞ୍ଚାୟତ ଦେବଦର୍ହା ଶୈବପୀଠର ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ପର୍ଯ୍ୟଟନ ବିକାଶରେ ସରକାର ଦେବଦର୍ହାଠାରେ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ବଣଭୋଜି ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ପରିବେଶକୁ ସଫା କରୁ ନ ଥିବାରୁ ଅତିରିକ୍ତ ଜିଲାପାଳ ଚୌହାନ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ନିଜେ କେତେକ ସ୍ୱେଚ୍ଛାସେବୀ ସହ ପରିସରକୁ ସ୍ୱଚ୍ଛ କରିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ।

# ଲୋକାର୍ପିତ ହେବାକୁ ଥିବା ନୂତନ ନିଃଶୁଳ୍କ ଡାଏଲିସିସ ସେବାକେନ୍ଦ୍ର ପ୍ରସ୍ତୁତି ନେଇ ତଦାରଖ

### ନୂତନ ଜିଲାପାଳଙ୍କ ଡୁଙ୍ଗୁରିପାଲି ବ୍ଲକ ପରିଦର୍ଶନ

ଡୁଙ୍ଗୁରିପାଲି,୩୧।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲାର ନୂତନ ଜିଲାପାଳ ଅନ୍ୟା ଦାସ ବୁଧବାର ଅପରାହ୍ନ ୫ଟା ସମୟରେ ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ବିଡିଓ ରୋହିତ ଭୋଇଙ୍କ ସମେତ ବ୍ଲକ ଅଧିକାରୀମାନେ ନୂତନ ଜିଲାପାଳ ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ଜିଲାପାଳ ଡୁଙ୍ଗୁରିପାଲି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଜନସାଧାରଣ ଯେପରି ପାଇପାରିବେ ସେଥିପାଇଁ ବିଡ଼ିଓଙ୍କୁ ପଚାରି ଠିକ ଭାବେ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗୁରୁବାର ଦିନ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପିତ ହେବାକୁ ଥିବା ୪ ଶଯ୍ୟା ବିଶିଷ୍ଟ ନିଃଶୁଳ୍କ ଡାୟାଲିସିସ ସେବାକେନ୍ଦ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ



ପରିଦର୍ଶନ ସମୟରେ ନୂତନ ଜିଲାପାଳ ଅନ୍ୟା ଦାସ ଓ ଉପସ୍ଥିତ ଅଧିକାରୀ ବୃନ୍ଦ।

ତଦାରଖ କରିଥିଲେ । ଏହି କାର୍ଯ୍ୟକ୍ରମ ଯେପରି ସଫଳ ହେବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଙ୍କ ପରିଦର୍ଶନ ସମୟରେ ଉପ ଜିଲାପାଳ ସୁରଜ ପଟନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ ପତି, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ କୁମାର ଦାସ, ବିଡ଼ିଓ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏଇ ଶୋବନାଧ ମାଝୀ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା, ଡୁଙ୍ଗୁରିପାଲି ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ କିରଣପ୍ରଭା ଡୁଙ୍ଗଡୁଙ୍ଗ, ସୁବର୍ଣ୍ଣପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡୁଙ୍ଗୁରିପାଲି ଆଇଆଇସି ସତ୍ୟନାରାୟଣ ପ୍ରଧାନ. ଶେଷଦେବ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି ।

# ଡିଇଓଙ୍କ ସମେତ ୧୬ ବିଭାଗରେ ୧୧୯ଶିକ୍ଷକ ପୁରସ୍କୃତ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ସୁନ୍ଦରଗଡ,୩୧।୧(ଜୟ ନାରାୟଣ ମେଣ୍ଡୁଲି)

ଶିକ୍ଷାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ପାଇଁ ୫-ଟି ଉପକ୍ରମରେ ଆରମ୍ଭ ହୋଇଛି ଅଭିନବ ପ୍ରୟାସ। ଜିଲା, ବ୍ଲକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ଶିକ୍ଷା ଅଧିକାରୀ, ଜିଲା, ବ୍ଲକ ସମସ୍ତଙ୍କ ଅବଦାନ ପାଇଁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ ଓ ଆନୁଷ୍ଠାନିକ ୨ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସମୁଦାୟ ୧୬ଟି ବିଭାଗରେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ମିଶାଇ ମୋଟ ୧୧୯ଟି ପୁରସ୍କାର ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପୁରସ୍କାର (ମାଧ୍ୟମିକ) ବର୍ଗରେ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୩୩ ମେଧାବୀ ଛାତ୍ରୀଛାତ୍ର, ୨୮ ଶିକ୍ଷୟିତ୍ରୀ ଶିକ୍ଷକ, ୪ ପ୍ରଧାନ ଶିକ୍ଷକ, ୩ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀ। ସେହିପରି ବ୍ୟକ୍ତିଗତ ପୁରସ୍କାର (ପ୍ରାଥମିକ) ବର୍ଗରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକ ପୁରସ୍କାର ପାଇଛନ୍ତି। ସୂଚନା ଯୋଗ୍ୟଯେ, ରାଜ୍ୟରେ ଯୋଗ୍ୟ ବିବେଚିତ ୩ ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀଙ୍କ ଭିତରୁ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକରୀ ଅମୂଲ୍ୟ ପଧାନ ତଥା




ଶ୍ରେଷ୍ଠ ବିବେଚିତ ୧୦ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମଧ୍ୟରୁ ସୁନ୍ଦରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗ ଡୁଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେଇଛନ୍ତି। ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ସହ ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ପଞ୍ଚାୟତରାଜ ପାନୀୟ ଜଳ, ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଇ କହିଥିଲେ, କୋଭିଡ ସମୟରୁ ପିଲାଙ୍କ ପାଠପଢାର ଅସୁବିଧାକୁ ଦେଖି ମୁଖ୍ୟମନ୍ତ୍ରୀ ଅନଲାଇନ ଜରିଆରେ ପାଠପଢାର ବ୍ୟବସ୍ଥା ସମ୍ପର୍କରେ ଚିନ୍ତା କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ୫-ଟି ହାଇସ୍କୁଲ ରୂପାନ୍ତର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ହଜାର ସ୍କୁଲର ରୂପାନ୍ତର ହୋଇସାରିଛି। ପୁରାତନ ଛାତ୍ରୀଛାତ୍ର, ଜନ ପ୍ରତିନିଧି, ପ୍ରଶାସନ ସମସ୍ତେ ଏକ ଟିମ୍ ଭଳି କାମ କରିଛନ୍ତି। ପିଲାଙ୍କ ସ୍ୱପ୍ନକୁ ଅଧିକ ଉଚ୍ଚ କରିବା ଏବଂ ପୂରଣ କରିବାର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଦିଗରେ ଏହି ପୁରସ୍କାର ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଏକ ନୂଆ ଓଡିଶା, ସଶକ୍ତ ଓଡିଶା ଗଠନ ଦିଗରେ ଆଜି ସମସ୍ତେ ଜଣେ ଜଣେ ଚାମ୍ପିୟନ ହୋଇପାରିଛନ୍ତି ବୋଲି ସେ କହିଥିଲେ। ମାଧ୍ୟମିକ ସ୍କୁଲ ସହିତ ଉଚ୍ଚ ମାଧ୍ୟମିକ ଓ କଲେଜର ମଧ୍ୟ ରୂପାନ୍ତରଣ ଚାଲିଛି। ଖୁବ୍ ଶୀଘ୍ର ଏହି ଅନୁଷ୍ଠାନ ଗୁଡିକ ଲୋକାର୍ପିତ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜୟମା' ସମଲେଇ ସିନେମାର ଶୁଭ ମହୁରତ, ସମଲେଇ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା
- ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା, ଭିଏସ୍‌ଏସ୍ ଷ୍ଟାଡିୟମ, ଅପରାହ୍ନ ୨ଟା
- ସମଲେଇ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମହାନଦୀ ଆଳତି ମଣ୍ଡପ, ସନ୍ଧ୍ୟା ୫ଟା
- ପରମାଣପୁରରେ ଧନୁଯାତ୍ରା ମହୋତ୍ସବ, ଧନୁଯାତ୍ରା ପଡିଆ, ଅପରାହ୍ନ ୪ଟା

# ସ୍ୱାମୀଙ୍କ ଦ୍ୱିତୀୟ ବିବାହ ବନ୍ଦ କରାଇଲେ ସ୍ତ୍ରୀ

ସମ୍ବଲପୁର,୩୧।୧ (ଭବାନୀ ଶଙ୍କର ଭୋଇ): ଛାଡ଼ପତ୍ର ନ ଦେଇ ସ୍ୱାମୀ ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସ୍ତ୍ରୀ ବୁର୍ଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ମହିଳା ଜଣକ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପୋଲିସ ସହାୟତାରେ ଦ୍ୱିତୀୟ ବିବାହ ବନ୍ଦ କରାଇଛନ୍ତି।

ଅଭିଯୋଗକ୍ରମେ ବୁର୍ଲା ଥାନା ବସନ୍ତ ବିହାରର ପ୍ରିୟମ୍ବଦା ବାଗ ୨୦୧୫ରେ ବଲାଙ୍ଗୀର ଜିଲାର ପାଟଣାଗଡ଼ ନିକଟ ସାଲେପାଲିନିବାସୀ ଓମ୍‌ପ୍ରକାଶ ହରିପାଲଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟେ ରାଉରକେଲାରେ ରହୁଥିଲେ। ତେବେ ବିବାହର ଏକବର୍ଷ ପରେ ଓମ୍‌ପ୍ରକାଶ ପ୍ରିୟମ୍ବଦାଙ୍କୁ ଯୌତୁକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି ହେବା ପରେ ଓମ୍‌ପ୍ରକାଶ ପ୍ରିୟମ୍ବଦାଙ୍କୁ ତାଙ୍କ ବୁର୍ଲାସ୍ଥିତ ବାପଘରେ ଛାଡି ଦେଇଥିଲେ। ଏ ନେଇ ପ୍ରିୟମ୍ବଦା ମହିଳା ଥାନା, ବୁର୍ଲା ଥାନା, ପରିବାର ଅଦାଲତର ଦ୍ୱାରସ୍ତ ହୋଇଥିଲେ। ତାଙ୍କ ଅଭିଯୋଗ



ଏସ୍‌ପିଙ୍କ କାର୍ଯ୍ୟାଳୟରେ ମହିଳାଙ୍କ ପରିବାର।

ଆଧାରରେ ବୁର୍ଲା ଥାନାରେ ୫୫/୨୪ରେ ମାମଲା ରୁଜୁ ହୋଇଛି। ଏ ନେଇ ଅଦାଲତରେ ମାମଲା ରହିଥିବା ବେଳେ ଓମ୍‌ପ୍ରକାଶ ଜାଲ୍ ଛାଡ଼ପତ୍ର କାଗଜ ଦେଖାଇ ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରୁଥିବା ପ୍ରିୟମ୍ବଦା ଜାଣିବାକୁ ପାଇଥିଲେ। ପରେ ସେ ପୁଣିଥରେ ବୁର୍ଲା ଥାନାରେ ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ଅଟକାଇବା ପାଇଁ ଗୁହାରି କରିଥିଲେ। ଗତ ଜାନୁଆରୀ ୧୧ରେ ନିରାଶ ହୋଇ ଫେରିବା ପରେ ୨୦ରେ ପୁଣିଥରେ ବୁର୍ଲା ଥାନାକୁ ଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ତେବେ ମାମଲା ଅଦାଲତରେ ଥିବା କହି ବୁର୍ଲା ପୋଲିସ ମାମଲା ରୁଜୁ କରି ନ ଥିବା ପ୍ରିୟମ୍ବଦା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମତାମତ ପାଇଁ ବୁର୍ଲା ଥାନା ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ

- ବୁର୍ଲା ଥାନାର ଅସହଯୋଗ
- ପାଟଣାଗଡ଼ ପୋଲିସର କାର୍ଯ୍ୟାନୁଷ୍ଠାନ

ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ବୁଧବାର ସ୍ୱାମୀ ବିବାହ କରୁଥିବା ଜାଣିବା ପରେ ପ୍ରିୟମ୍ବଦା ପରିବାର ସହ ଯାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏସ୍‌ପିଙ୍କୁ ଭେଟିବା ସମ୍ଭବ ନ ହେବାରୁ ଅନ୍ୟ ଅଧିକାରୀଙ୍କ ପରାମର୍ଶ ଅନୁସାରେ ସେ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ଛାଡପତ୍ର ନ ଦେଇ ପାଟଣାଗଡ଼ ନିକଟ ସାଲେପାଲିରେ ଦ୍ୱିତୀୟ ବିବାହ କରୁଥିବା ନେଇ ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଥାନା ଅଧିକାରୀ ଅନନ୍ତ ପ୍ରଧାନ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ଓମ୍‌ପ୍ରକାଶଙ୍କୁ ଥାନାକୁ ଡକାଇ ସମସ୍ତ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଭିସୁଟ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଇଲୁମିନା




ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ସମ୍ବଲପୁର,୩୧।୧ (ଭବାନୀ ଶଙ୍କର ଭୋଇ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଇଲୁମିନା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ଏଲିନା ଦାସ ସ୍ୱାଗତ ଭାଷଣ ରଖିଥିବା ବେଳେ ପ୍ରଫେସର ସଞ୍ଜୟ ପାତ୍ର, ପ୍ରଫେସର ପୂର୍ଣ୍ୟପ୍ରିୟା ମିଶ୍ର, କଲଚରାଲ ସୋସାଇଟିର ଉପସଭାପତି ପ୍ରଫେସର ତୃପ୍ତି ରଞ୍ଜନ ମହାପାତ୍ର, ପ୍ରଫେସର ଆନନ୍ଦ କୁମାର ବେହେରା ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କ୍ରୀଡାସଂଘର ଉପସଭାପତି ପ୍ରଫେସର ଧରମବୀର କୁମାର ବିବରଣୀ ପାଠ କରିଥିଲେ। ଉତ୍ସବରେ କ୍ରିକେଟ, ବ୍ୟାଡ଼ମିଣ୍ଟନ, ଚେସ୍, କ୍ୟାରମ, ଖୋ ଖୋ, କବାଡି, ଟେବୁଲ ଟେନିସ ଆଦି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଗତି ହାଉସ ଚାମ୍ପିୟନ ହୋଇଥିବା ବେଳେ ଶକ୍ତି ହାଉସ ରନର୍ସ ଅପ ହୋଇଥିଲା। ଶେଷରେ ପ୍ରଫେସର ଅମିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମାନବିକତା ଦେଖାଇଲେ ଏସ୍‌ଏମ୍‌ସି କମିଶନର

ସମ୍ବଲପୁର,୩୧।୧ (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ହୀରାକୁଦ ରାସ୍ତାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ରାସ୍ତାରେ ପଡ଼ି ଛଟପଟ ହେଉଥିବା ଜଣେ ଯୁବକଙ୍କୁ ଦେଖି ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) କମିଶନର ବେଦ ଭୂଷଣ ମାନବିକତା ଦେଖାଇଛନ୍ତି। ମଧ୍ୟାହ୍ନ ୧୨ଟା ସମୟରେ କମିଶନର ହୀରାକୁଦରେ ଏକ କାର୍ଯ୍ୟକ୍ରମ ସାରି ସମ୍ବଲପୁର ଫେରିବା ବାଟରେ ମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ଜଣେ ବାଇକ୍ ଆରୋହୀ ଏକ ଗାଈକୁ ଧକ୍କାଦେଇ ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ରାସ୍ତାରେ ଯିବାଆସିବା କରୁଥିବା ଅନେକ ଯାତ୍ରୀ ନିଜ ବାଟରେ ଚାଲିଯାଉଥିବାବେଳେ କେହି ଅଟକି ସହଯୋଗ କରିବାକୁ ଆଗେଇଆସି ନ ଥିଲେ। ମହାନଗର କମିଶନର ବେଦ ଭୂଷଣଙ୍କ ନଜର ପଡିବା ପରେ ସେ ନିଜ ଗାଡି ଅଟକାଇ ଆହତ ଯୁବକଙ୍କୁ ନିଜ ଗାଡିରେ ହୀରାକୁଦ ମେଡିକାଲକୁ ନେଇଥିଲେ। ଏହି ଖବର ପାଇ ହୀରାକୁଦର ରୋଗୀ କଲ୍ୟାଣ ସମିତି ସଭ୍ୟ କାର୍ତ୍ତିକ କଲେତ, ରାଜେଶ ମିଶ୍ର, ଦେବଲାଲ ଦାଶ ପ୍ରମୁଖ ପହଞ୍ଚି ସହଯୋଗ କରିଥିଲେ। ଆହତ ଯୁବକ ସଞ୍ଜୟ ଗୁପ୍ତା ବୋଲି ଜଣାପଡିଛି। ହୀରାକୁଦରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଭିମ୍‌ସାରକୁ ପଠାଇ ଦିଆଯାଇଛି। କମିଶନରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବୁଢ଼ାରଜା ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର

ସମ୍ବଲପୁର,୩୧।୧ (ପ୍ରମୋଦ ବହିଦାର):

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ତା'ର ଉତ୍କର୍ଷତା ପ୍ରତିପାଦନ ପୂର୍ବକ ୬ଟି ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ସେଥିମଧ୍ୟରେ ଜିଲାସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର, ଜିଲାସ୍ତରୀୟ ଶ୍ରେଷ୍ଠ ଆଲୁମ୍ନି ପୁରସ୍କାର, ଜିଲାସ୍ତରୀୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର, ରାଜ୍ୟସ୍ତରୀୟ ମେଧାଛାତ୍ର ପୁରସ୍କାର, ରାଜ୍ୟସ୍ତରୀୟ ଭାଷା ଶିକ୍ଷକ ପୁରସ୍କାର ଓ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର ଅନ୍ତର୍ଭୁକ୍ତ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କର୍ଷତା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରତ୍ୟକ୍ଷ ଭାବେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ଜିଲାସ୍ତରୀୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର, ମେଧାବୀ ଛାତ୍ର ବିଭୋର ମିର୍ଦ୍ଧା ରାଜ୍ୟସ୍ତରୀୟ ମେଧାବୀ ଛାତ୍ର ପୁରସ୍କାର, ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଭାଷାଶିକ୍ଷକ ପୁରସ୍କାର ଓ ଜିଲାସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାରକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ଗ୍ରହଣ କରିଛନ୍ତି। ସେହିପରି ବିଦ୍ୟାଳୟ ଆଲୁମ୍ନି ସଂଘର ଉପସଭାପତି ସଞ୍ଜୟ ବିଶ୍ୱାଳ, କୈଳାସ ସେଠୀ ଓ ସମ୍ପାଦକ ଅରବିନ୍ଦ ତ୍ରିପାଠୀ ଜିଲାସ୍ତରୀୟ ଶ୍ରେଷ୍ଠ ଆଲୁମ୍ନି ପୁରସ୍କାର ଓ ବିଦ୍ୟାଳୟ ପରିଚାଳନା କମିଟି ପ୍ରଭୁଦତ୍ତ ସାହୁ ଓ ଲଳିତ ମୁଣ୍ଡା ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଖବର ମିଳିବା ପରେ ସମଗ୍ର ସମ୍ବଲପୁର ସହର ସହିତ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ତଥା ଶୁଭେଚ୍ଛୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ପରିଶ୍ରମର ଫଳ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ପୁରସ୍କୃତ ଶିକ୍ଷକଙ୍କ ସହ ଅନ୍ୟମାନେ।

## ଆନ୍ତଃ ଜିଲା ଫୁଟ୍‌ବଲ: ସେମିରେ ବରଗଡ଼

ସମ୍ବଲପୁର,୩୧।୧ (ପ୍ରମୋଦ ବହିଦାର): ସମ୍ବଲପୁର ବର୍ଷଆନ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ବିଜୟ ବାହାଦୁର ସିଂ(ବଚନ) ଓ ଭୀମସେନ ଛତର ସ୍ମାରକୀ ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତାରେ ବରଗଡ଼ ଜିଲା ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ବୁଧବାର ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ବରଗଡ଼ ଜିଲା ଏକତରଫା ଭାବେ ବୌଦ୍ଧ ଜିଲାକୁ ୭-୦ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସମ୍ବଲପୁର ଲାୟନ୍ସ କ୍ଲବ ସଭାପତି ସଞ୍ଜୟ ଗୁପ୍ତା, ଲାୟନ୍ସ କ୍ଲବର ପୂର୍ବତନ ଗଭର୍ଣ୍ଣର ଡି.କେ. ଲାଟ୍ ଓ ମନୋଜ ସିଂଘାନିଆ ଅତିଥିଭାବେ ଯୋଗଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବୌଦ୍ଧ ଜିଲାର ସୀମାଞ୍ଚଳ ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଅରୁଣ ଭୋଇ, ପଞ୍ଚାନନ ପାତ୍ର, ମଥୁରା ଓରାମ, ସୁବ୍ରତ ପୁରୋହିତ ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

# ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଯଜ୍ଞ ଆରମ୍ଭ



ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞ ଆରମ୍ଭ ହୋଇଛି।

କୁଚିଣ୍ଡା,୩୧।୧ (ବିରଞ୍ଚି ଦର୍ଲା) କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଅନ୍ତର୍ଗତ ଉଲଣ୍ଡା ଗ୍ରାମରେ ବୁଧବାର ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଯଜ୍ଞାରମ୍ଭ ହୋଇଛି। ପଣ୍ଡିତ ଅକ୍ଷୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଷ୍ଟକୁଣ୍ଡୀୟ ଯଜ୍ଞରେ ୨୭ଯୋଡି ସପତ୍ନିକ କର୍ତ୍ତା ଅଂଶଗ୍ରହଣ କରି ଆହୁତି ପ୍ରଦାନ କରିଥିଲେ। ସୂର୍ଯ୍ୟପୂଜା, ଦେବତାଙ୍କ ଆବାହନ ଓ ପୂଜନ, ମହାସ୍ନାନ, ମହା ଆଳତୀ, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଗୁରୁବାର ପ୍ରାଣ ପ୍ରତିଷ୍ଠା, ବିଗ୍ରହଙ୍କ ମନ୍ଦିର ବିଜେ ଓ ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଓ କଳସ ବିସର୍ଜନ ଆଦି କାର୍ଯ୍ୟକ୍ରମ ହେବ। ଅପରାହ୍ନରେ ପୁରୀ ଶ୍ରୀକ୍ଷେତ୍ରର ଜଗନ୍ନାଥ ସଂସ୍କୃତି ପ୍ରଚାରିକା ମାନସ କୁମୁଦିନୀ ସରୋଜିନୀ ଦେବୀଙ୍କ ଦ୍ୱାରା ପ୍ରବଚନ, ସନ୍ଧ୍ୟାରେ କୀର୍ତ୍ତନ ପରିବେଷଣ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ସହସ୍ରାଧିକ ମହିଳା ପୁରୁଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ତଥା ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଗୋଛରା ସରପଞ୍ଚ ଥନେଶ୍ୱର ନାଏକ, ସମିତିସଭ୍ୟା ସୁକାନ୍ତି ସେଠୀ ପ୍ରମୁଖ ଯୋଗଦେଇ ବାବାଙ୍କ ସାନିଧ୍ୟ ଲାଭ କରିଥିଲେ।

## ହାତୀ ଉପଦ୍ରବ, ଲୋକେ ଭୟଭୀତ

ପଡିଆବାହାଲ, ୩୧।୧ (ରାଧାମୋହନ ଷଡ଼ଙ୍ଗୀ)- ପଡିଆବାହାଲ ବନଖଣ୍ଡ ଏବଂ ସଦର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଭୟଭୀତ ହୋଇପଡିଛନ୍ତି। ହାତୀପଲ ଧାନ ଖାଇବାକୁ ଗାଁ ମୁହାଁ ହେଉଛନ୍ତି। ଏହି ସମୟରେ ସେମାନେ ଲୋକଙ୍କ ଘର ଭାଙ୍ଗୁଥିବା ଦେଖାଯାଉଛି। ଏଥିରେ ଲୋକଙ୍କ ଜୀବନ ଯାଉଥିବା ମଧ୍ୟ ନଜିର ରହିଛି। କିଛିଦିନ ପୂର୍ବରୁ ହାତୀ ଘରଭାଙ୍ଗି ଚାଉଳ ଖାଉଥିବାବେଳେ କାନ୍ଥ ପଡି ସାବିତ୍ରୀ ନାମ୍ନୀ ମହଳାଙ୍କ ମୃତ୍ୟୁ ହୋଇଥିଲା। ଚାଉଳ ଖାଇବା ଆଶାରେ ହାତୀପଲ ଗୁଲମେଶ୍ୱରୀ ମନ୍ଦିର ଭୋଗ ଘର ଭାଙ୍ଗିଦେଇଛନ୍ତି। ସଦାପାଲି, ବୁରୋମାଲ, ବଲଣ୍ଡା ଆଦି ଅଞ୍ଚଳରେ ହାତୀମାନେ ବିଭିନ୍ନ ସମୟରେ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବନବିଭାଗ ଦୃଢ ପଦକ୍ଷେପ ନେଇ ହାତୀମାନଙ୍କୁ ଦୂର ଜଙ୍ଗଲ ବା ଅଭୟାରଣ୍ୟକୁ ସ୍ଥାନାନ୍ତର ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ରାଜ୍ୟସ୍ତରୀୟ ପାଲା କଳାକାର ସମ୍ମିଳନୀ ଉଦ୍‌ଘାଟିତ

# ପାଲା ସମାଜକୁ ଦିଗ୍‌ଦର୍ଶନ ଦିଏ

**ସମ୍ବଲପୁର,୩୧।୧ (ବି.ଶଙ୍କର)**

ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ମଙ୍ଗଳବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପାଲା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। କୋଟି କୋଟି ଟଙ୍କାରେ ନିର୍ମିତ ହେଉଥିବା ସିନେମା ସମାଜରେ ବିଶେଷ ପ୍ରଭାବ ପକାଇପାରୁ ନ ଥିବା ବେଳେ ସ୍ୱଳ୍ପ ପାରିଶ୍ରମିକରେ ପାଲା କଳାକାରମାନେ ସମାଜକୁ ପ୍ରଭାବଶାଳୀ ଢଙ୍ଗରେ ଦିଗ୍‌ଦର୍ଶନ ଦେଇଥାନ୍ତି । ତେଣୁ ପାଲା ସବୁଦିନ ପାଇଁ ଅମର ହୋଇ ରହିବ। ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାଜରେ ପାଲା ସଂସ୍କୃତିର ପ୍ରଭାବ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ସମଲେଶ୍ୱରୀ ପାଲା ପରିଷଦ ସଭାପତି ରାଧେଶ୍ୟାମ ପଣ୍ଡା ଓଡ଼ିଶାର ବିଦଗ୍ଧ କଳା ପାଲାକୁ ବଞ୍ଚାଇ ରଖିବା ପାଇଁ କଳାକାରମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଆୟୋଜକ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ସମାବେଶର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଗୋପୀନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପାଲା ଗାୟକ ଥଣ୍ଡାରାମ ଭୋଇ, ରାଧେଶ୍ୟାମ ପଣ୍ଡା, ପ୍ରମିଳା ବେହେରା ଓ ଶେଷଦେବ ଦନ୍ତା ତାଙ୍କ ଦଳ ସହ ପାଲା ପରିବେଷଣ କରିଥିଲେ। ମହେନ୍ଦ୍ର ନାଏକ ଓ ଅବନୀ ସାହୁ ପାଲା ପରିବେଷଣର ସଂଯୋଜନା କରିଥିଲେ।

## ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା

ସମ୍ବଲପୁର,୩୧।୧ (ବି.ଶଙ୍କର) ସମ୍ବଲପୁର ଜିଲା ଧନୁପାଲି ଗଉଡ଼ପଡା ପଡ଼ିଆଠାରେ ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଧନୁପାଲି ଗୋପାଲଜୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଧନୁପାଲି ସୁପରକିଙ୍ଗ ଓ ଫ୍ରେଣ୍ଡସ ଇଲେଭେନ ମଧ୍ୟରେ ହୋଇଥିଲା। ଏଥିରେ ସୁପରକିଙ୍ଗ ୮ଉଇକେଟରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣି ସମାରୋହରେ ମୁଖ୍ୟଅତିଥି ଭାବରେ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ବିଜେଡ଼ି ନେତା ବିଦେଶୀ ସାନବଡ, ମନୋରଞ୍ଜନ ସାନବଡ ସମ୍ମାନିତ ଅତିଥି ଥିଲେ। ଆୟୋଜକ କ୍ଲବର ରମଣୀରଞ୍ଜନ ବେହେରା, ଚିତ୍ତରଞ୍ଜନ ସାନବଡ, ବିକାଶ ମିଶ୍ର, କିରନ ଦାସ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଜମନକିରା,୩୧।୧:(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ମହାବିଦ୍ୟାଳୟରେ ଗତ ଡିସେମ୍ବର ମାସରୁ ଆରମ୍ଭ ହୋଇଥିବା ନୂଆ-ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତେଜରାମ ପଟେଲ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ମୁଖ୍ୟଅତିଥି ଓ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ସାମାଜିକ କର୍ମୀ ଆଦିପ୍ରସାଦ ମହାକୁଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଏମ୍‌ୟୁରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ

### ଭାଗନେଲେ ଦେଶବିଦେଶର ୪ଶହ ଗବେଷକ, ଛାତ୍ରୀଛାତ୍ର




ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

ସମ୍ବଲପୁର,୩୧।୧ (ପ୍ରମୋଦ ବହିଦାର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ଅର୍ଥନୀତି ଓ ଅର୍ଥବ୍ୟବସ୍ଥା ଗବେଷଣାରେ ନବ ଦିଗନ୍ତ ଶୀର୍ଷକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜବାହରଲାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପକ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟଅତିଥି, ସୋନପୁରର ପୂର୍ବତନ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଓ ଆଇଆଇଏମ୍ ସମ୍ବଲପୁରର ଡ. ସୁଜିତ ପୃଷେଠ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ କୁଳସଚିବ ଡ. ଉମାଚରଣ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଉରକେଲା ଏନ୍‌ଆଇଟିର ପ୍ରଫେସର ନାୟରାୟଣ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଅଲୋଚନାରେ ଓମାନ ମସ୍କଟର ଡ. ଫୋଗଟ କେ, ଜମ୍ମୁ ମା' ବୈଷ୍ଣୋଦେବୀ ବିଶ୍ୱବିଦ୍ୟାଳୟର ଡ. ପବିତ୍ର ଜେନା ଭାଗ ନେଇଥିଲେ। ସେହିପରି ସମ୍ବଲପୁର ଆଇଆଇଏମ୍‌ର ଡ. ଅରୁଣ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ମୁମ୍ବାଇ, ସେବିର ସିଜିଏମ୍ ଡ. ପ୍ରଭାସ ରଥ, ଓମାନ ମସ୍କଟର ପ୍ରଫେସର ଶ୍ରୀନିବାସ ଓ ମାଲେସିଆର ପଫେସର ଆନନ୍ଦ ଏସ୍ ଭାଗ ନେଇଥିଲେ। ଏଥିରେ ସମଗ୍ର ଦେଶରୁ ଗବେଷକଙ୍କ ମୋଟ ୫୫ଟି ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। ଏହି ଅନ୍ତର୍ଜାତିକ ସମ୍ମିଳନୀରେ ଦେଶବିଦେଶରୁ ପ୍ରାୟ ୪ ଶହ ଗବେଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ପାଇପ୍ ଯୋଗେ ଗ୍ୟାସ୍ ଯୋଗାଣ: ରେଳବାଇ କଲୋନିରେ ଶିଳାନ୍ୟାସ

ସମ୍ବଲପୁର,୩୧।୧ (ପ୍ରମୋଦ ବହିଦାର):

ସମ୍ବଲପୁରରେ ପାଇପ୍ ଯୋଗେ ଘରକୁ ଘର ରୋଷେଇ ଗ୍ୟାସ୍ ଯୋଗାଣ ପାଇଁ ରେଳବାଇ କଲୋନୀରେ ଶିଳାନ୍ୟାସ ହୋଇଛି। ଭାରତ ପେଟ୍ରୋଲିୟମ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ଯୋଗାଣ ପାଇଁ ଏଠାରେ ଆୟୋଜିତ ଶିଳାନ୍ୟାସ ସମାରୋହରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଟି.କେ. ପାଣ୍ଡେ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ୧୬ରୁ ଅଧିକ ବରିଷ୍ଠ ରେଳବାଇ ଅଧିକାରୀଙ୍କ ସହ ରେଳବାଇ କଲୋନୀବାସୀ ତଥା ଭାରତ ପେଟ୍ରୋଲିୟମ ନିଗମ ଲିମିଟେଡ୍‌ର ଟେରିଟୋରି ମ୍ୟାନେଜର ଉତ୍ତମ ମିଞ୍ଜ, ବରିଷ୍ଠ ସେଲ୍ସ ମ୍ୟାନେଜର ବିବେକ କାୟଣ୍ଡେ ସେଲ୍ସ ଟିମ ସହିତ ଉପସ୍ଥିତ ଥିଲେ। ସମ୍ବଲପୁରରେ ପାଇପ୍ ଲାଇନରେ ରୋଷେଇ ଗ୍ୟାସ ଯୋଗାଣ ନେଇ ମଣ୍ଡଳ ପ୍ରବନ୍ଧକ ପାଣ୍ଡେ ଖୁସି ବ୍ୟକ୍ତକରି କଲୋନୀରେ ସର୍ବାଧିକ ସମୟ ଧରି ରହିଥିବା ଦମ୍ପତିଙ୍କୁ ପ୍ରଥମ ସଂଯୋଗ ନେବାକୁ ଆହ୍ୱାନ କରିଥିଲେ। ସେହପରି କମ୍ପାନୀ ପକ୍ଷରୁ ରେଳବାଇ କଲୋନୀରେ ଗ୍ୟାସ ପାଇପ୍ ଲାଇନ୍ ସଂଯୋଗ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସହରରେ ପାଇପ୍ ଯୋଗେ ରୋଷେଇ ଗ୍ୟାସ ଯୋଗାଣ ଆରମ୍ଭ ହୋଇ ସାରିଥିବା ବେଳେ ଖୁବ୍‌ଶୀଘ୍ର ସମ୍ବଲପୁରରେ ମଧ୍ୟ ପାଇପ୍ ଲାଇନ୍ ଗ୍ୟାସ୍ ସଂଯୋଗ ଆରମ୍ଭ ହେବାକୁ ଯାଉଛି। ଗ୍ୟାସ୍ ଯୋଗାଣ ପାଇଁ ଉପଭୋକ୍ତାଙ୍କୁ ପୂର୍ବରୁ ବୁକ୍ କରିବା ଭଳି ସମସ୍ୟାରୁ ମୁକ୍ତ କରିବାକୁ ଘରମାନଙ୍କୁ ପାଇପ୍ ଯୋଗେ ୨୪ ଘଣ୍ଟାଧରି ନିରବଚ୍ଛିନ୍ନ ଗ୍ୟାସ ଯୋଗାଣ ଅବ୍ୟାହତ ରହିବ। ଏହା ଉପଭୋକ୍ତାଙ୍କ ପାଇଁ ଅପେକ୍ଷାକୃତ ସହଜ ଓ ଶସ୍ତା ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ପ୍ରଥମ ଦଫାରେ ରେଳବାଇ କଲୋନୀରେ ଅତିକମ୍‌ରେ ୫୦୦ ସଂଯୋଗ ପାଇଁ ରେଳ ପ୍ରବନ୍ଧକ ପାଣ୍ଡେ ଆଗ୍ରହ ପ୍ରକାଶ କରିଛନ୍ତି।




ରେଳବାଇ କଲୋନିରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅତିଥିମାନେ।

